# ଶତ୍ରୁର ନଗରଦ୍ୱାରକୁ ଅଧିକାର କରିବା

ସମସ୍ତଙ୍କୁ, ଶୁଭ ସକାଳ । ଆଜି ସକାଳେ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବା ନିମନ୍ତେ, ପୁନର୍ବାର ଆରାଧନାଳୟକୁ ଆଜି ଆସିପାରିଥିବାରୁ ଖୁସି ଅଟେ । ଏହା, ସାଧାରଣତଃ ଭାବେ, ଆମେ ବାରମ୍ବାର, ଭିତରକୁ ଆସିବାକୁ ଚେଷ୍ଟା କରିଥାଉ, ଏବଂ—ଏବଂ ପ୍ରାର୍ଥନା କରାଇବା ନିମନ୍ତେ, ବିଭିନ୍ନ ସ୍ଥାନରୁ ଆସୁଥିବା ସେହି ଲୋକମାନଙ୍କ ପାଇଁ ପ୍ରାର୍ଥନା କରୁ ।

ଏବଂ ତେବେ, ଆମେମାନେ ବର୍ତ୍ତମାନ ଖୁବ୍ ଶୀଘ୍ର, କାଲିଫର୍ଣ୍ଣିଆ ଏବଂ ପଶ୍ଚିମ ଉପକୂଳର ସେବାଗୁଡିକ ନିମନ୍ତେ ବାହାରିବୁ । ଏବଂ ଆମେ ନିଶ୍ଚିତ ଭାବରେ ଆପଣମାନଙ୍କର ପ୍ରାର୍ଥନା କାମନା କରୁଅଛୁ, ଯେପରି ସ୍ୱର୍ଗର ପରମେଶ୍ୱର ଆମ ପ୍ରତି ସେଠାରେ ଦୟାଳୁ ହେବେ ଏବଂ ଆମକୁ ଏକ ମହାନ ସେବା ପ୍ରଦାନ କରିବେ ।

ଗତକାଲି, କିମ୍ବା, ଠିକ ଗତ ରାତିରେ, ବରଂ, ବିଳମ୍ବରେ ପ୍ରବେଶ କଲି । ଏବଂ ଗତକାଲି ଏକ...ତେବେ, ଗତକାଲିର ପୂର୍ବ ଦିନ, ଏବଂ ଗତକାଲି, ମୋ ଜୀବନର ଏକ ବଡ ଲାଲ୍-ଅକ୍ଷରର ଦିନଗୁଡିକରୁ ଅନ୍ୟତମ ଥିଲା । ସେଠାରେ, ସେହି ଭବନରେ ମୁଁ ଅତି କମ୍‌ରେ ଦୁଇ, କିମ୍ବା ତିନି ଜଣଙ୍କୁ ଜାଣେ, ଯେଉଁମାନେକି ଗତକାଲି ପ୍ରଭୁଙ୍କ ଓହ୍ଲାଇ ଆସିବାର ସାକ୍ଷୀ ହୋଇଥିଲେ । ଏବଂ ଏକ ମହାନ, ଚମତ୍କାର ବିଷୟ ଘଟିତ ହୋଇଥିଲା, ଯାହା ବିଷୟରେ କହିବା ପାଇଁ ଆଜି ସକାଳେ ମୋ ପାଖରେ ସମୟ ନାହିଁ । ମାତ୍ର ହୋଇପାରେ ଯେ ଆସନ୍ତା ରବିବାର ସକାଳେ, ଆମେ ଯିବା ପୂର୍ବରୁ, ହୁଏତ ବାର୍ତ୍ତାରେ, ଆପଣମାନଙ୍କୁ—ଙ୍କୁ କହିବା ପାଇଁ, ମୋ ପାଖରେ ସମୟ ରହିବ । ଯଦି ପ୍ରଭୁ ଇଚ୍ଛା କରନ୍ତି, ତେବେ ଅତି କମ୍‌ରେ ମୁଁ ରବିବାର ସକାଳରେ, ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବା ନିମନ୍ତେ, ତଳକୁ ଆସିବି । ଆମେମାନେ ହୁଏତ ସାନ୍ ଜୋସେ, କାଲିଫର୍ଣ୍ଣିଆର, ସେହି ସାନ୍ ଜୋସେ ସେବା ପାଇଁ ଯଦି ସମ୍ଭବ ହୁଏ, ପ୍ରାୟଃ ମଧ୍ୟାହ୍ନରେ ଯିବା ପାଇଁ ଚାହିଁବୁ । ଏବଂ ଯଦି ଆପଣଙ୍କର କେହି ଲୋକମାନେ, ପଶ୍ଚିମ ତଟରେ ଆଖପାଖରେ ରହିଛନ୍ତି, ତେବେ, ଆମେମାନେ ବିଶ୍ୱାସ କରୁ, ବୋଧହୁଏ ତାହା ସେହି ଘଟିକା ହେବାକୁ ଯାଉଅଛି ଯାହା ନିମନ୍ତେ ମୁଁ ଏତେ ଦିନରୁ, ଅପେକ୍ଷା କରୁଅଛି, ଯେ ମୋର ସେବାକାର୍ଯ୍ୟରେ ପରିବର୍ତ୍ତନଟି ଆସୁଅଛି । ଏବଂ ଏହା ଏତେ ନିକଟବର୍ତ୍ତୀ ଅଟେ, ଯେ ମୁଁ ଭାବିଲି ଏହା ଗତକାଲି ହିଁ ଘଟିବାକୁ ଯାଉଅଛି । ଏବଂ ମୁଁ ବିଶ୍ୱାସ କରେ ଯେ ଏହା ବର୍ତ୍ତମାନ ହିଁ ସଙ୍ଗେ ସଙ୍ଗେ ହୋଇଯିବ, ଏବଂ ଏହା ସେହି ଯେକୌଣସି ବିଷୟଠାରୁ ଅନତି ବହୁତ ଦୂରରେ ହେବ ଯାହାକି ଆମେମାନେ ଏଯାଏଁ, କେବେ ଦେଖିଅଛୁ କିମ୍ବା ଶୁଣିଅଛୁ । ତେବେ, ଆପଣ ମନେ ରଖନ୍ତୁ, ତାହା **ସଦାପ୍ରଭୁ ଏହି କଥା କୁହନ୍ତି** କଥା ଅଟେ । ବୁଝିଲେ? ଏବଂ ତେଣୁକରି ଆମେ ଯେକକୌଣସି ସମୟରେ, ଏହାର ଆଶା କରୁଅଛୁ ।

ଏବଂ ବର୍ତ୍ତମାନ ଆମେମାନେ ମେଳା ପଡ଼ିଆରେ ସେହି ସେବା କରିବାକୁ ଯାଉଅଛୁ । ମୁଁ

ବିଶ୍ୱାସ କରେ ଯେ ତାହା ଠିକ୍ ଅଟେ, ଜିନ୍, କଅଣ ଏହା ନୁହେଁ କି? କାଲିଫର୍ଣ୍ଣିଆର, ସାନ୍ ଜୋସେଠାରେ ଥିବା ମେଳା ପଡ଼ିଆରେ। ଏବଂ ଏହା ଏକ ଦଶ-ଦିନର ସେବା ହେବ, 20ଶ ରୁ ଆରମ୍ଭ କରି, 29ଶ ତାରିଖ ପର୍ଯ୍ୟନ୍ତ, ସାନ୍ ଜୋସେରେ—ରେ ହେବ। ତେବେ, କେବଳ ଆମମାନଙ୍କୁ ମନେ ରଖିବେ ଏବଂ ଆମ ପାଇଁ ପ୍ରାର୍ଥନା କରିବେ।

ତେବେ ଆମ ପାଖରେ, ଯଦି ଆମେମାନେ ଠିକ୍ ସମୟରେ ବାହାରି ଯାଉ, ଏବେଠାରୁ ନେଇ ପ୍ରାୟଃ ଦେଢ ଘଣ୍ଟା ଅଛି, ଯେ ଆମେମାନେ ରୋଗୀମାନଙ୍କ ପାଇଁ ପ୍ରାର୍ଥନା କରିବାର ଏବଂ ବାକ୍ୟ ଆଣିବାର ଆମର ସେବାକୁ ଆରମ୍ଭ କରିବାକୁ ଯାଉଅଛୁ। ମୁଁ ଆଜି ସକାଳେ, କହିବା ନିମନ୍ତେ, ବାଇବଲରେ ଦୁଇଟି ସ୍ଥାନରୁ, ଶାସ୍ତ୍ରର ଏକ ଛୋଟ ଅଂଶଟିଏ, ବାଛିଅଛି।

ମାତ୍ର ଏହା ପୂର୍ବେ କି ଆମେମାନେ କହୁ, ଆସନ୍ତୁ ପ୍ରାର୍ଥନା ନିମନ୍ତେ, କିଛି କ୍ଷଣ ମସ୍ତକଗୁଡ଼ିକୁ ନତ କରିବା।

2 ମହାନ ଅନୁଗ୍ରହକାରୀ ପରମେଶ୍ୱର, ଆମେ ଆଜି ସକାଳେ ନମ୍ର ଭାବରେ ତୁମର ଅନୁଗ୍ରହର ସିଂହାସନ ନିକଟକୁ, ଅଯୋଗ୍ୟ ସନ୍ତାନ ଭାବରେ ଆସୁଅଛୁ, ମାତ୍ର ପରମେଶ୍ୱରଙ୍କ ଉପରେ ଏକ ଅମିଶ୍ରିତ ବିଶ୍ୱାସ ସହିତ ଆସୁଅଛୁ, ଯାହାକି ଆମକୁ ପବିତ୍ରଆତ୍ମାଙ୍କ, ଏବଂ ଆମ ସହିତ ତାହାଙ୍କର ସର୍ବଦା ଉପସ୍ଥିତି ଦ୍ୱାରା, ଏବଂ ପ୍ରଭୁ ଯୀଶୁଙ୍କ ଦ୍ୱାରା ଏକ ପ୍ରତିଜ୍ଞା ମାଧ୍ୟମରେ ପ୍ରଦାନ କରାଯାଇଥିଲା, ଯେ ଯଦି ଆମେ ନମ୍ର ଭାବରେ ଆସିବା ଏବଂ ତାହାଙ୍କ ନାମରେ କିଛି ମାଗିବା, ତାହାହେଲେ ଆମକୁ ଆମର ନିବେଦନଗୁଡ଼ିକ ପ୍ରଦାନ କରାଯିବ। ଅତଏବ, ଆମେ ପଛକୁ ଆମର ଯୋଗ୍ୟତାଗୁଡ଼ିକ ଆଡକୁ ଚାହୁଁ ନାହୁଁ, କାରଣ ଆମର ସେହିପରି କିଛି ନାହିଁ, ମାତ୍ର ଆମେ ତ କାଲବରୀର ଯୋଗ୍ୟତା ଆଡକୁ ଚାହୁଁଅଛୁ, ଯେଉଁଠାରେକି ପରମେଶ୍ୱରଙ୍କ ପୁତ୍ରଙ୍କ ଦ୍ୱାରା ଆମକୁ ମୁକ୍ତ ଭାବରେ ଆମର ଅନୁଗ୍ରହକୁ ପ୍ରଦାନ କରାଯାଇଅଛି। ଏବଂ ଆମେ ବଡ଼ କଷ୍ଟରେ ସେହି ଅଶ୍ରୁଗୁଡ଼ିକୁ ଅଟକାଇପାରୁ ଯାହାକି ଆମ ଗଳାରେ ପ୍ରବାହିତ ହୁଏ, ଯେତେବେଳେ ଆମେମାନେ, ସେହି ଅଯୋଗ୍ୟ ଲୋକମାନେ ନିଜ ବିଷୟରେ ଚିନ୍ତା କରୁ, ଏବଂ କିପରି ଯେ ତାହାଙ୍କ ଅନୁଗ୍ରହ ଦ୍ୱାରା ଯାହା ସେ କାଲବରୀରେ ଆମ ପାଇଁ କରିଥିଲେ, ଯେ ଆମେମାନେ ପରମେଶ୍ୱରଙ୍କ ଏତେ ସନ୍ନିକଟତାକୁ, ଏପରିକି ସମ୍ପର୍କ ପାଇଁ ସୁଦ୍ଧା ଅଣାଯାଇପାରୁ। ଏବଂ ବର୍ତ୍ତମାନ ଆମେ ତାହାଙ୍କ ପାଇଁ ପୁତ୍ର ଓ କନ୍ୟା ଅଟୁ।

3 ଏବଂ ଆଜି ସକାଳେ, ପ୍ରଭୁ, ଆମେମାନେ ନିଜକୁ ଉତ୍ସର୍ଗ କରିବା ପାଇଁ, ଏବଂ ସେବା ନିମନ୍ତେ, ଏହି ଛୋଟ ଛାତ ତଳକୁ ଆସୁଅଛୁ, ଆମର ପାପଗୁଡ଼ିକୁ ସ୍ୱୀକାର କରି, ଏବଂ—ଏବଂ ଈଶ୍ୱରୀୟ ଉପାସନାରେ ଆସୁଅଛୁ। ଆମେମାନେ ବିଶ୍ୱାସ କରୁ ଯେ ତୁମେ ଆମ ସହିତରେ ରହିବ ଏବଂ ତୁମର ସନ୍ନିକଟରେ ହେବାକୁ ଥିବା ଆଗମନ ବିଷୟରେ ଆମକୁ ଏକ ଆତ୍ମିକ ଜ୍ଞାନ ଦେବ, ଯେପରିକି ଆମେମାନେ ପ୍ରତିଦିନ ନିଜର ହୃଦୟକୁ ସେହି ମହାନ ଘଟଣା ପାଇଁ ପ୍ରସ୍ତୁତ କରିପାରୁ ଯାହାର ହେବା ପାଇଁ ହଜାର ହଜାର ବର୍ଷ ଧରି ଅପେକ୍ଷା କରାଯାଇଅଛି। ବାସ୍ତବରେ ସମସ୍ତ ପ୍ରକୃତି କ୍ରନ୍ଦନ କରୁଅଛି, ମୁକ୍ତ ହେବା ନିମନ୍ତେ କାନ୍ଦୁଅଛି।

ଏବଂ ପ୍ରଭୁ, ଆମ ଭିତରେ ଆମର ଆତ୍ମାଗୁଡିକ, ନିରନ୍ତର ଭାବରେ ସ୍ୱୀକାର କରୁଅଛି, ଯେ, "ଆମେମାନେ ବିଦେଶୀ ଏବଂ ପରଦେଶୀ ଅଟୁ, ଏବଂ ଏହା ଆମର ଘର ନୁହେଁ, ମାତ୍ର ଆମେମାନେ ଏପରି ଏକ ନଗର ନିମନ୍ତେ ଅପେକ୍ଷା କରୁଅଛୁ ଯାହାର ନିର୍ମାଣକାରୀ ଏବଂ ରଚନାକାରୀ ପରମେଶ୍ୱର ଅଟନ୍ତି।" ଆମେ ସେହି ମହାନ ସମୟର ଆଗମନକୁ ଅପେକ୍ଷା କରୁଅଛୁ।

4 ପ୍ରଭୁ, ଆମେମାନେ ଯତ୍ନବାନ ହେଉ ଯେ ଏହି ସଭାଗୁଡ଼ିକ, ଯେତେବେଳେ ଆମେମାନେ ଏଠାରେ ଏକତ୍ରିତ ହୋଇଥାଉ, ଆମେମାନେ ତୁମର ସନ୍ତାନମାନଙ୍କ ପାଇଁ ପ୍ରାର୍ଥନା କରୁ ଯେଉଁମାନେକି ଅସୁସ୍ଥ ଓ ପୀଡ଼ିତ ଅଟନ୍ତି। ଏବଂ ଆମେମାନେ ନିବେଦନ କରୁଅଛୁ ଯେ ତୁମେ ଆମ ସହିତ ଆଜି ଏକ ବିଶେଷ ଉପାୟରେ ସାକ୍ଷାତ କରିବ, ଯେପରିକି ଆମ ମଧ୍ୟରେ ଥିବା ସମସ୍ତ ଅସୁସ୍ଥତା ଏବଂ ରୋଗଗୁଡିକ ଭଲ ହୋଇଯାଏ। ଏବଂ ଏହା ହେଉ ଯେ, ପ୍ରଭୁ, ଏହି ପ୍ରତିଜ୍ଞା ଯାହା ବିଷୟରେ ମୁଁ ଠିକ ପୂର୍ବରୁ କହୁ ହିଁ ଥିଲି, ଯେ ଗତକାଲି ଠିକ ସନ୍ଧ୍ୟା ସମୟ ପରେ, ତୁମ ସହିତ ସେଠାରେ କିପରି ସାକ୍ଷାତ କଲି, ଏବଂ କିପରି ଯେ ତୁମେ ଏହାକୁ ବାରମ୍ବାର ସୁନିଶ୍ଚିତ କରିଥିଲ। ଏବଂ ଆମେମାନେ ଅନୁଭବ କରୁ ଯେ ସେହି ଘଟିକାଟି ଅତି ସନ୍ନିକଟବର୍ତ୍ତି ଅଟେ। ଏବଂ ପ୍ରଭୁ, ତାହା ଏହି ଦିନଟି ହେଉ, ଯେ ଏହା ଘଟିବ, ଯେ ପ୍ରଭୁ, ତୁମେ ସେବାକାର୍ଯ୍ୟକୁ, ଏପରି କିଛିରେ ପରିବର୍ତ୍ତନ କରିବ ଯାହାକି ତୁମର ଲୋକମାନଙ୍କ ପ୍ରତି ଅଧିକ ଅନୁଗ୍ରହକାରୀ ହେବ।

5 ଏବଂ ବର୍ତ୍ତମାନ, ହେ ପିତା ପରମେଶ୍ୱର, ଆମେ କେବଳ ଏମାନଙ୍କ ପାଇଁ ଏଠାରେ ପ୍ରାର୍ଥନା କରୁ ନାହୁଁ, ବରଂ ସମଗ୍ର ବିଶ୍ୱରେ ବିସ୍ତାରିତ ଲୋକମାନଙ୍କ ପାଇଁ ପ୍ରାର୍ଥନା କରୁ, ଯେଉଁମାନେକି ଉଭୟ, ଆତ୍ମିକ ଓ ଶାରୀରିକ ଭାବରେ ଅଭାବୀ ଅଟନ୍ତି। ହେ ପ୍ରଭୁ, ସେମାନଙ୍କୁ ସେମାନଙ୍କର ହୃଦୟର ଇଚ୍ଛାଗୁଡିକୁ ପ୍ରଦାନ କର, କାରଣ ତୁମର ପିଲାମାନେ ଏହି ଦିନରେ ସଂଘର୍ଷ କରୁଅଛନ୍ତି। ଶତ୍ରୁର ଅତ୍ୟାଚାର ଅତି ପ୍ରବଳ ଅଟେ, ମାତ୍ର ତୁମେ ଅଧିକ ଶକ୍ତିଶାଳୀ ଅଟ। କାରଣ ଏହା ଲେଖା ଅଛି, "ଯିଏ ତୁମ ଭିତରେ ଅଛନ୍ତି ସେ ତାହା ଅପେକ୍ଷା ଯିଏକି ଜଗତରେ ଅଛି ଅଧିକ ମହାନ ଅଟନ୍ତି।" ଏହା ଦ୍ୱାରା ଆମେମାନେ ବିଜୟଲାଭ କରୁ। ତୁମର ଲିଖିତ ବାକ୍ୟ ଦ୍ୱାରା ଆମ ସହିତରେ କଥା କୁହ। ଏବଂ ଯେତେବେଳେ ଆମେମାନେ ଆଜି ସକାଳେ ବିଦାୟ ନେଉ, ଏହା ହେଉ ଯେ ଆମେମାନେ ଇମ୍ମାୟୁଠାରୁ ଯାଉଥିବା ସେହି ଲୋକମାନଙ୍କ ପରି କହିପାରୁ, "କଅଣ ସେ ଆମ ସହିତ ମାର୍ଗରେ କଥାବାର୍ତ୍ତା କଲାବେଳେ ଆମ ହୃଦୟ ଉତ୍ତେଜିତ ହୋଇ ନ ଥିଲା ନାହିଁ କି?" ଆମେ ଏହାକୁ ଯୀଶୁଙ୍କ ନାମରେ ମାଗୁଅଛୁ, ଯିଏକି ପ୍ରତିଜ୍ଞା ଦେଇଅଛନ୍ତି। ଆମେନ୍।

6 ମୁଁ ବର୍ତ୍ତମାନ ଆଦିପୁସ୍ତକରୁ ଦୁଇଟି ସ୍ଥାନରୁ ପାଠ କରୁଅଛି। ସେଥିରୁ ଗୋଟିଏ 24ତମ ପର୍ବରେ ମିଳେ, 56ତମ ପଦରୁ ଆରମ୍ଭ କରି, ଏହିପରି ଭାବରେ ପାଠ କରେ।

*ମାତ୍ର ସେ ସେମାନଙ୍କୁ କହିଲା, ମୋତେ ବିଳମ୍ବ କରାଅ ନାହିଁ, ଯେହେତୁ*

*ସଦାପ୍ରଭୁ ମୋହର ଯାତ୍ରା ସଫଳ କଲେ; ଏବେ ନିଜ କର୍ତ୍ତାଙ୍କ ନିକଟକୁ ଯିବା ପାଇଁ ମୋତେ ବିଦାୟ କର ।*

*ତହିଁରେ ସେମାନେ କହିଲେ, ଆମ୍ଭେମାନେ କନ୍ୟାକୁ ଡାକି, ତାହାକୁ ସାକ୍ଷାତରେ ପଚାରୁ ।*

*ଅନନ୍ତର ସେମାନେ ରିବିକାକୁ ଡାକି, କହିଲେ, ତୁମ୍ଭେ କି ଏହି ମନୁଷ୍ୟ ସଙ୍ଗରେ ଯିବ? ତହୁଁ ସେ କହିଲା, ଯିବି ।*

*ସେତେବେଳେ ସେମାନେ* ଆପଣା ଭଗି-…*ଆପଣା ଭଗିନୀ* ରିବିକାକୁ*, ଓ ତାହାର ଧାତ୍ରୀକୁ, ପୁଣି ଅବ୍ରହାମଙ୍କର ଦାସ,…*

*ପୁଣି ରିବିକାକୁ ଆଶୀର୍ବାଦ କରି, କହିଲେ, ତୁମ୍ଭେ ଆମମାନଙ୍କର ଭଗିନୀ, ସହସ୍ର ସହସ୍ର ଲୋକର ମାତା ହୁଅ, ତୁମ୍ଭର ବଂଶ ଆପଣା ଶତ୍ରୁଗଣର ନଗର ଅଧିକାର କରନ୍ତୁ ।*

7 ଏବଂ ଆଦିପୁସ୍ତକ 22, 15ତମ ପଦରେ, ଆମେ ପାଠ କରୁ ।

*ଆଉ ସଦାପ୍ରଭୁଙ୍କ ଦୂତ ଦ୍ୱିତୀୟ ଥର ଆକାଶରୁ ଅବ୍ରହାମଙ୍କୁ ଡାକି କହିଲେ,*

*ସଦାପ୍ରଭୁ କହୁଅଛନ୍ତି, ତୁମ୍ଭେ ଆମ୍ଭଙ୍କୁ ଆପଣାର ପୁତ୍ର, ଆପଣାର ଏକମାତ୍ର ପୁତ୍ର ଦେବାକୁ ଅସମ୍ମତ ନୋହିଲ, ତୁମ୍ଭର ଏହି କର୍ମ ସକାଶୁ,* ଆମ୍ଭେ *ଆପଣା-… ନାମରେ ଶପଥ, କରି କହୁଅଛୁ:*

*ଆମ୍ଭେ ତୁମ୍ଭକୁ ଅବଶ୍ୟ ଆଶୀର୍ବାଦ କରି, ଆକାଶସ୍ଥ ତାରାଗଣ ଓ ସମୁଦ୍ରର… ବାଲି ପରି, ତୁମ୍ଭର ବଂଶ…ଅତିଶୟ ବୃଦ୍ଧି କରିବା; ତୁମ୍ଭର ବଂଶ ତୁମ୍ଭର ଶତୃଗଣର ନଗରଦ୍ୱାର ଅଧିକାର କରିବେ;*

*ପୁଣି ପୃଥିବୀସ୍ଥ ସମସ୍ତ ଜାତି ତୁମ୍ଭର ବଂଶ ଦ୍ୱାରା ଆଶୀର୍ବାଦ ପ୍ରାପ୍ତ ହେବ; ଯେହେତୁ ତୁମ୍ଭେ ଆମ୍ଭର ବାକ୍ୟ ପାଳନ କରିଅଛ ।*

8 ବର୍ତ୍ତମାନ ପ୍ରଭୁ ତାହାଙ୍କର ବାକ୍ୟ ପାଠ କରାଯିବାରେ ନିଜର ଆଶୀର୍ବାଦକୁ ଯୋଗ କରନ୍ତୁ । ତେବେ ମୁଁ ନେବାକୁ ଚାହେଁ, ଯଦି ଏହାକୁ ଏକ ପାଠ୍ୟ ବୋଲି କୁହାଯାଇପାରେ, ଆଜି ସକାଳେ ମୋର ବିଷୟ, ପ୍ରଥମେ, ହେଉଛି, "ପ୍ରତିଜ୍ଞାତ ନଗରଦ୍ୱାର ପୂର୍ବରୁ ପରୀକ୍ଷା ।" ଏବଂ ଶୀର୍ଷକଟି ହେଉଛି: *ଶତ୍ରୁର ନଗରଦ୍ୱାରକୁ ଅଧିକାର କରିବା ।*

9 ପରମେଶ୍ୱର ସେହି ପିତୃପୁରୁଷଙ୍କୁ ପରୀକ୍ଷା କରି ଆସୁଥିଲେ, କାରଣ ସେ ତାଙ୍କୁ ଏକ ପ୍ରତିଜ୍ଞା ଦେଇଥିଲେ । ଏବଂ ଯେତେବେଳେ ପରମେଶ୍ୱର ଏକ ପ୍ରତିଜ୍ଞା କରନ୍ତି, ସେ ଏଥିରେ ନିଶ୍ଚିତ ହେବାକୁ ଚାହାଁନ୍ତି ଯେ ଏହି ବ୍ୟକ୍ତିଜଣକ ପ୍ରତିଜ୍ଞା ନିମନ୍ତେ ଯୋଗ୍ୟ ଅଟନ୍ତି, ଏହା ପୂର୍ବେକି ସେ ତାହା ପୂରଣ କରନ୍ତି ଯାହା ସେ କହିଥିଲେ କିମ୍ବା ଯାହା ପ୍ରତିଜ୍ଞା କରିଥିଲେ । ତେଣୁ ଅବ୍ରହାମଙ୍କୁ ପ୍ରତିଜ୍ଞା କରାଯାଇଥିଲା ଯେ ତାଙ୍କ ବଂଶ ଦ୍ୱାରା ସମଗ୍ର ଜଗତ ଆଶୀର୍ବାଦ ପ୍ରାପ୍ତ

ହେବ, ଏବଂ ତାଙ୍କର ଏକ ପୁତ୍ର ହେବ। ଏବଂ, ତାଙ୍କଠାରୁ ଏକ ବଂଶ ବାହାର ହେବ, ଏହି ପୁତ୍ରଜଣକ ଯିଏକି ସମଗ୍ର ପୃଥିବୀକୁ ଆଶୀର୍ବାଦ କରିବ। ପୁଣି ଅବ୍ରହାମ, ଯେତେବେଳେ ତାଙ୍କୁ ପ୍ରତିଜ୍ଞା ଦିଆ ଯାଇଥିଲା, ସେ ପଞ୍ଚ-ସତୁରୀ ବର୍ଷ ବୟସର ଥିଲେ; ଏବଂ ତାଙ୍କ ପତ୍ନୀ, ସାରା ପଇଁ-ଷଠି ବର୍ଷ ବୟସର ଥିଲେ। କିନ୍ତୁ ବାଇବଲ ଆମକୁ କୁହେ ଯେ ଅବ୍ରହାମ ଅବିଶ୍ୱାସ ଦ୍ୱାରା, ପରମେଶ୍ୱରଙ୍କ ପ୍ରତିଜ୍ଞା ଉପରେ ଝୁଣ୍ଟି ପଡି ନ ଥିଲେ, ବରଂ, ବଳବାନ ହୋଇ, ପରମେଶ୍ୱରଙ୍କୁ ପ୍ରଶଂସା କରିଥିଲେ। ଏବଂ ପରମେଶ୍ୱର, ସମୟ ପରେ ସମୟ, ତାଙ୍କୁ ପରୀକ୍ଷା କରିଥିଲେ, ମାତ୍ର ସେ ସେହି ଅନ୍ତିମ ପରୀକ୍ଷାକୁ ଆସିଥିଲେ ଏହାପୂର୍ବେକି ସେହି ଆଶୀର୍ବାଦ ଆସିବାକୁ ଯାଉଥିଲା।

10 ଏବଂ ଠିକ ସେହି ପ୍ରକାରେ ତାହା ଅବ୍ରହାମଙ୍କର ସମସ୍ତ ବଂଶ ସହିତ ଅଟେ। ପରମେଶ୍ୱର ସେହି ପ୍ରତିଜ୍ଞା ଦେବା ପୂର୍ବରୁ ଠିକ ଆମକୁ ସେହି ଅନ୍ତିମ ପରୀକ୍ଷା ଦିଅନ୍ତି। ଏବଂ ଯଦି ଏହା ସମ୍ଭବ ହୁଏ, ମୁଁ ଏଠାରେ ବ୍ୟକ୍ତିଗତ ଭାବରେ, କିଛି କହିବାକୁ ଚାହେଁ, ମାତ୍ର ମୁଁ ଏଥିରେ କ୍ଷାନ୍ତ ହେବି। ସେହି ଅନ୍ତିମ ପରୀକ୍ଷା, ଏହା ଦେଖିବା ପାଇଁ ଯେ ଆପଣ ଏହା ଉପରେ କିପରି ପ୍ରତିକ୍ରିୟା ଦେବେ। ଏବଂ ଯେତେବେଳେ ସେ ଅବ୍ରହାମଙ୍କୁ ଏହି ପରୀକ୍ଷା ଦେଇଥିଲେ, ସେତେବେଳେ ସେ ଅବ୍ରହାମଙ୍କୁ ଠିକ ସେତିକି ସଚ୍ଚୋଟ ପାଇଥିଲେ ଯେତିକି ସେ ଆରମ୍ଭ କରିବା ସମୟରେ ରହିଥିଲେ। ଆଜି ସକାଳେ ତାହା କି ଏକ ଆଶୀର୍ବାଦ ହେବ ଯଦି ଆମେମାନେ ଯେଉଁମାନେକି ତାହାଙ୍କ ଆରୋଗ୍ୟତାର ପ୍ରତିଜ୍ଞାକୁ ଗ୍ରହଣ କରିଥାଉ ଠିକ ସେତିକି ସଚ୍ଚୋଟ ଭାବରେ ଛିଡା ହେଉ ଯେତିକି ଆମେ ସେତେବେଳେ କରିଥିଲୁ ଯେତେବେଳେ ଆମେ ଏଠାରେ ଛିଡା ହୋଇ ଏହାକୁ ଗ୍ରହଣ କରିଥିଲୁ। ଏଥିରେ କିଛି ଯାଏ ଆସେ ନାହିଁ ଯେ ଡାକ୍ତର କଅଣ କହିଛନ୍ତି, ସେତିକି ସଚ୍ଚୋଟ ଭାବରେ ଛିଡା ହୋଇଥାନ୍ତୁ।

11 ଏବଂ ଯେତେବେଳେ ସେ ଏହା କଲେ, ଏବଂ ନିଜର ଏକମାତ୍ର ପୁତ୍ରକୁ ମଧ୍ୟ କଦାପି ଛାଡ଼ି ନ ଥିଲେ, ମାତ୍ର ତାଙ୍କ ସାକ୍ଷ୍ୟକୁ ନଷ୍ଟ କରିବାକୁ ଯାଇ, ଛୁରୀକୁ ଇସ୍‌ହାକଙ୍କ ବକ୍ଷ ସ୍ଥଳରେ ଭୁସିବାକୁ ଯାଇଥିଲେ। ସେ ସମଗ୍ର ପୃଥିବୀରେ ଯାହାଙ୍କୁ ସେ ଜାଣିଥିଲେ, ସେମାନଙ୍କ ନିକଟରେ ସାକ୍ଷ୍ୟ ଦେଇଥଲେ, ଯେ ସେ ଏହି ପୁତ୍ରକୁ ଲାଭ କରିବାକୁ ଯାଉଛନ୍ତି। ଏବଂ ଯେତେବେଳେ ସେହି ପୁତ୍ର ଆସିଲା, ସେତେବେଳେ ତାଙ୍କୁ ଦୁଇଗୁଣ ପଶ୍ଚାତ ଘୁଞ୍ଚିବାକୁ କୁହାଗଲା, ଏବଂ ତାଙ୍କର ସାକ୍ଷ୍ୟକୁ ପୂରଣ କରିବା ନିମନ୍ତେ ଥିବା ଏକମାତ୍ର ସେହି ଭରସାକୁ ନଷ୍ଟ କରିବା ପାଇଁ କୁହାଯାଇଥିଲା। ଏବଂ ଯେତେବେଳେ ପରମେଶ୍ୱର ଦେଖିଲେ ଯେ ସେ ପରମେଶ୍ୱରଙ୍କଠାରେ ଥିବା ସେହି ବିଶ୍ୱାସ ପ୍ରତି ବିଶ୍ୱସ୍ତ ରହିଛନ୍ତି, ପରମେଶ୍ୱର ଆକାଶରୁ ଚାହିଁଲେ ଏବଂ ସେ କହିଲେ, "ମୁଁ ନିଜଠାରେ ଶପଥ କରିଅଛି ଯେ ମୁଁ ତୁମକୁ ଆଶୀର୍ବାଦ କରିବି ଏବଂ ତୁମକୁ ବହୁଗୁଣିତ କରିବି, ଏବଂ ତୁମର ବଂଶ ତାର ଶତ୍ରୁର ନଗରଦ୍ୱାରକୁ ଅଧିକାର କରିବ।" କି ଏକ ପ୍ରତିଜ୍ଞା ଅଟେ!

12 ଏବଂ ରିବିକା, ଯାହାଙ୍କୁ ଏହି ଉଲ୍ଲେଖନୀୟ, ପ୍ରତିଜ୍ଞାତ, ଅପେକ୍ଷାରତ ପୁତ୍ରର, ମାତା ହେବାର ଥିଲା, ଯେତେବେଳେ ତାଙ୍କୁ ସେହି ଅନ୍ତିମ ପରୀକ୍ଷାକୁ ଡକାଗଲା, ଯେ ଏପରି

ଜଣେ ଅପରିଚିତ ବ୍ୟକ୍ତିଙ୍କ ବିଷୟରେ ଯାହାଙ୍କୁ ସେ ପୂର୍ବରୁ କେବେ ଦେଖି ନାହାଁନ୍ତି, ସେ ତ କେବଳ ପବିତ୍ରଆତ୍ମାଙ୍କ କାର୍ଯ୍ୟ କରିବା ବିଷୟକୁ ଦେଖିଥିଲେ । ଏବଂ ଯେତେବେଳେ ତାଙ୍କର ପିତାମାତା ଏହା ସମ୍ପୂର୍ଣ୍ଣ ଭାବରେ ସ୍ଥିର କରିପାରି ନ ଥିଲେ ଯେ ସେ ଏହି ଅପରିଚିତ ବ୍ୟକ୍ତିଙ୍କ ସହିତ ଯିବେ କି ନାହିଁ, ଏପରି ଜଣେ ପୁରୁଷର ସ୍ତ୍ରୀ ହେବା ନିମନ୍ତେ ଯାହାଙ୍କୁ ସେ କେବେ ଦେଖି ନାହାଁନ୍ତି, ସେତେବେଳେ ତାଙ୍କୁ ଅନ୍ତିମ ପରୀକ୍ଷା ପାଇଁ ଅଣାଯାଇଥିଲା । "ଆମେ କନ୍ୟାକୁ ଡାକିବୁ ଏବଂ ସେ କହୁ । ଆମେ ତାଙ୍କ ପାଟିରୁ ଶୁଣିବୁ ଯେ ସେ ଯିବେ କି ନାହିଁ, ହଁ କିମ୍ବା ନା ।"

13 ଏହି ପ୍ରକାରେ ହିଁ ପରମେଶ୍ୱରଙ୍କ ସମସ୍ତ ବଂଶ ପାଖକୁ ତାହା ଅଣା ଯାଇଥାଏ । ଏହା ତ ଆପଣଙ୍କର ପାଟି ହେବାକୁ ଅଛି । ପରମେଶ୍ୱର ଆପଣଙ୍କଠାରୁ ଶୁଣିବାକୁ ଚାହାଁନ୍ତି ।

14 ତେଣୁକରି ଯେତେବେଳେ ତାଙ୍କୁ ପରୀକ୍ଷା କରାଗଲା, ସେ କେବେ ବି ଗୋଟିଏ ହେଲେ ମିନିଟ ଦ୍ୱିଧାରେ ପଡିଲେ ନାହିଁ । ସେ କହିଲେ, "ମୁଁ ଯିବି ।" ମୁଁ ତାହା ପସନ୍ଦ କରେ । ଏପରି ନୁହେଁ ଯେ, "ମୋତେ ମୋର ମନକୁ ପ୍ରସ୍ତୁତ କରିବାକୁ ଦିଅନ୍ତୁ । ମୋତେ ଏହାକୁ ଅଧ୍ୟୟନ କରିବାକୁ ଦିଅନ୍ତୁ ।" ସେ ତ ସମ୍ପୂର୍ଣ୍ଣ ଭାବରେ ଅନୁପ୍ରାଣିତ ହୋଇଥିଲେ । ସେହିପରି ଲୋକମାନଙ୍କୁ ହିଁ ପରମେଶ୍ୱର ବ୍ୟବହାର କରିପାରନ୍ତି, ଯେତେବେଳେ ଆପଣ ସମ୍ପୂର୍ଣ୍ଣ ଭାବେ ଏଥି ପ୍ରତି ଅନୁପ୍ରାଣିତ ହୋଇଥାନ୍ତି ଯେ ପରମେଶ୍ୱର ତାହାଙ୍କର ପ୍ରତିଜ୍ଞାକୁ ରକ୍ଷା କରିବେ । କହିଲେ, "ମୁଁ ଯିବି ।"

15 ଏବଂ ତାଙ୍କର ଲୋକମାନେ ସେତେବେଳେ, ଏତେ ଅଭିଷିକ୍ତ ଥିଲେ, ଯେ ବୋଧହୁଏ ଏହା ଜାଣି ନ ଥିଲେ, ମାତ୍ର ସେମାନେ ଭବିଷ୍ୟଦ୍‌ବାଣୀ କରିଥିଲେ, ଯେତେବେଳେ ସେମାନେ ନିଜର ଭଉଣୀ ଉପରେ ଓ ସେମାନଙ୍କର କନ୍ୟା ଉପରେ ହାତ ରଖିଥିଲେ; ଏହି ସୁନ୍ଦର, ଯୁବା ଯିହୁଦୀ କନ୍ୟାଜଣକ, ଯେତେବେଳେ ସେମାନେ ତାଙ୍କୁ ଓଟ ଉପରେ ବସାଇ ଏକ ଅଜଣା ଦେଶକୁ, ପରଦେଶୀୟ ଲୋକମାନଙ୍କ ମଧ୍ୟରେ ପଠାଉଥିଲେ । କିନ୍ତୁ ସେଠାରେ ସେମାନଙ୍କ ଉପରେ କିଛି ଗୋଟାଏ ଥିଲା । ସେମାନେ କହିଲେ, "ତୁମ୍ଭର ବଂଶ ଆପଣା ଶତ୍ରୁର ନଗରଦ୍ୱାର ଅଧିକାର କରନ୍ତୁ । ତୁମ୍ଭେ ସହସ୍ର ସହସ୍ର ଲୋକର ମାତା ହୁଅ ।"

16 ଏବଂ, ଆଜି, ସେହି ଜାତିର ଲୋକମାନେ ଏବଂ ପରମେଶ୍ୱରଙ୍କ ଲୋକମାନେ ଗୋଟିଏ ସମୁଦ୍ରରୁ ଅନ୍ୟ ସମୁଦ୍ର ପର୍ଯ୍ୟନ୍ତ, ସମଗ୍ର ବିଶ୍ୱରେ ଛିନ୍ନ ଛତ୍ର ହୋଇଅଛନ୍ତି । ସେହି ପୁନରୁତ୍ଥାନରେ ସେମାନେ ଆକାଶର ତାରାଗୁଡ଼ିକ ପରି ହେବେ, ଯେତେବେଳେ ସେହି ଉଜ୍ଜ୍ୱଳ ପ୍ରକାଶମାନ ନିଜର ସ୍ଥାନକୁ ଗ୍ରହଣ କରିବେ, ଯେତେବେଳେ ସେମାନେ ଆକାଶ ଦେଇ ଗତି କରନ୍ତି । ଏବଂ ଯେତେବେଳେ ସେମାନେ ଆସିବେ, ସେମାନେ ସମୁଦ୍ରର…କିମ୍ବା ସମୁଦ୍ର କୂଳରେ ବାଲି ପରି ହେବେ । ସେଠାରେ ସେମାନଙ୍କ ମଧ୍ୟରୁ ସହସ୍ର ସହସ୍ର ଲୋକ ରହିବେ ।

17 "ତୁମ୍ଭର ବଂଶ ଶତ୍ରୁଗଣର ନଗରଦ୍ୱାର ଅଧିକାର କରିବେ ।" ତାହା ପରମେଶ୍ୱରଙ୍କ ଶପଥ କରାଯାଇଥିବା ପ୍ରତିଜ୍ଞା ଅଟେ, "ଅବ୍ରହାମଙ୍କ ବଂଶ ।"

ତାହାପରେ, ତାହାଙ୍କ ପବିତ୍ରଆତ୍ମାଙ୍କ ଦ୍ୱାରା, ଏହା ଦେଖି ଯେ ମାତାଙ୍କୁ, ମଧ୍ୟ ପୁତ୍ରର

ଅଂଶ ହେବାକୁ ଥିଲା, କାରଣ ସେମାନେ ଶରୀରର ଅଂଶ ଅଟନ୍ତି । ତାହାପରେ, ପବିତ୍ରଆତ୍ମା ଏହି ଲୋକମାନଙ୍କ ମଧ୍ୟରେ କାର୍ଯ୍ୟ କରୁଥାଇ, କହିଲେ, "ସେ...ତୁମ୍ଭର ବଂଶ ଶତ୍ରୁଗଣର ନଗରଦ୍ୱାର ଅଧିକାର କରନ୍ତୁ ।" ତେବେ, ଯଦି ପରମେଶ୍ୱର ଶପଥ କରିଛନ୍ତି ଯେ ସେ ଶତ୍ରୁଗଣର ନଗରଦ୍ୱାରକୁ ଅଧିକାର କରିବେ, ତାହାହେଲେ ଏହା ଜୀବନ୍ତ ପରମେଶ୍ୱରଙ୍କ ମଣ୍ଡଳୀକୁ ତାହା କେଉଁ ଅବସ୍ଥାରେ ରଖେ?

18 ଆମେମାନେ ଅବ୍ରହାମଙ୍କ ବଂଶ ଅଟୁ । କାରଣ, ଆମେ, ଖ୍ରୀଷ୍ଟଙ୍କଠାରେ ମୃତ ଥାଇ, ଆମ୍ଭେମାନେ, ଅବ୍ରହାମଙ୍କ ବଂଶକୁ ଗ୍ରହଣ କରିଥାଉ, ଏବଂ ଶପଥ କରାଯାଇଥିବା ସେହି ସମାନ ପ୍ରତିଜ୍ଞା ଅନୁଯାୟୀ ତାଙ୍କ ସହିତ ଉତ୍ତରାଧିକାରୀ ହୋଇଥାଉ । ଆମେମାନେ ଅବ୍ରହାମଙ୍କ ବଂଶ, ଏବଂ ତାଙ୍କୁ ଦିଆଯାଇଥିବା ପ୍ରତ୍ୟେକ ପ୍ରତିଜ୍ଞାର ଉତ୍ତରାଧିକାରୀ ଅଟୁ । ମାତ୍ର ଯେତେବେଳେ ପରୀକ୍ଷାମାନ ଆସେ, ସେହିଠାରେ ହିଁ ଆମେମାନେ ବିଫଳ ହୋଇଥାଉ । କିନ୍ତୁ ମୁଁ ବିଶ୍ୱାସ କରେ ନାହିଁ ଯେ ଅବ୍ରହାମଙ୍କର ପ୍ରକୃତ ବଂଶ ବିଫଳ ହେବ । ସେମାନେ ଅବ୍ରହାମଙ୍କ ପରି ସେତିକି ସାହସର ସହ ଏବଂ ବିଶ୍ୱସ୍ତ ଭାବରେ ଛିଡା ହେବେ ।

19 ବର୍ତ୍ତମାନ ଆମେମାନେ ଦେଖୁ ଯେ ପରମେଶ୍ୱର ସେପର୍ଯ୍ୟନ୍ତ କିଛି କହିପାରନ୍ତି ନାହିଁ କିମ୍ବା—କିମ୍ବା କୌଣସି ପ୍ରତିଜ୍ଞା କରିପାରନ୍ତି ନାହିଁ ଯେପର୍ଯ୍ୟନ୍ତକି ସେ ତାହା ପୂରଣ ନ କରି ପାରିବେ । ତାହାଙ୍କୁ ପରମେଶ୍ୱର ହୋଇ ରହିବା ପାଇଁ ତାହା କରିବାକୁ ହିଁ ପଡ଼ିଥାଏ । ବହୁ ବର୍ଷ ପରେ, ଯେତେବେଳେ ଏହି ସମାନ ଲୋକମାନେ, ସେହି ପ୍ରତିଜ୍ଞାତ ଲୋକମାନେ, ଅବ୍ରହାମଙ୍କ ବଂଶ ସେମାନଙ୍କର ଯାତ୍ରାରେ ଥିଲେ, ଏକ—ଏକ ପ୍ରତିଜ୍ଞାତ ଦେଶକୁ ଯାଉଥିଲେ, ସେଠାରେ ଏକ ନଗରଦ୍ୱାର ଥିଲା ଯାହାକି ଉପସ୍ଥିତ ହୋଇଥିଲା, ଏବଂ ତାଙ୍କ ବିରୁଦ୍ଧରେ ଛିଡା ହୋଇଥିଲା, ଏବଂ ଏହା ତାଙ୍କର ନିଜର ଭାଇ, ମୋୟାବ ଥିଲା, ଯିଏକି କହିଲା, "ତୁମେ ମୋର ଦେଶ ଅତିକ୍ରମ କରି ଯିବ ନାହିଁ । ମୁଁ ଏହା ଦେଖିବି ଯେପରି ତୁମେ ମୋ ଦେଶ ଅତିକ୍ରମ ନ କର ।"

20 ସେ କହିଲେ, "ଯଦି ଆମର ଗାଈମାନେ ତୁମର କୌଣସି ଘାସକୁ ଖାଆନ୍ତି କିମ୍ବା ଯଦି ସେମାନେ ତୁମର କୌଣସି ପାଣି ପିଅନ୍ତି, ତେବେ ଆମେ ଏଥିପାଇଁ ତୁମକୁ ମୂଲ୍ୟ ପରିଶୋଧ କରିବୁ ।"

କିନ୍ତୁ ମୋୟବ କହିଲା, "ତୁମେ ଏହି ଦେଶ ଅତିକ୍ରମ କରି ଯିବ ନାହିଁ ।"

21 ମାତ୍ର ପରମେଶ୍ୱରଙ୍କ ପ୍ରତିଜ୍ଞା ସତ୍ୟ ଭାବରେ ଅଟଳ ରହିଲା । ତେଣୁକରି ମୋୟାବୀୟମାନେ ଗଲେ, ଓ ସେମାନଙ୍କର ଭବିଷ୍ୟଦ୍‌ବକ୍ତା ବିଲିୟାମ୍‌କୁ ନେଇ ଆସିଲେ, ଏବଂ ସେହି ଲୋକମାନଙ୍କୁ ଅଭିଶାପ ଦେବା ପାଇଁ ତାଙ୍କୁ ଆଣିଲେ । ଏବଂ ଏଠାରେ ତାହା ଅଟେ ଯାହାକି ସେ କହିଲେ । ସେମାନେ ତାଙ୍କୁ ଆଶୀଷିତ ବଂଶର ସବୁଠାରୁ ମନ୍ଦ ଭାଗ ଦେଖାଇବାକୁ ଚେଷ୍ଟା କରିଥିଲେ, ମାତ୍ର ପରମେଶ୍ୱର ତାଙ୍କୁ ଏହାର ସର୍ବୋତ୍ତମ ଭାଗ ଦେଖାଇଲେ । ସେ କହିଲେ, "ଯିଏ କେହି ଇସ୍ରାଏଲକୁ ଅଭିଶାପ ଦେବ ସେ ଅଭିଶପ୍ତ ହେବ,

ଏବଂ ଯିଏ କେହି ତାଙ୍କୁ ଆଶୀର୍ବାଦ କରିବ ସେ ଆଶୀର୍ବାଦ ପ୍ରାପ୍ତ ହେବ ।" ଏବଂ ଦଣ୍ଡଗୁଡିକ ତଳକୁ ଖସାଇ ଦିଆଗଲା ଏବଂ ଇସ୍ରାଏଲ ସମତଳ ଭୂମି ଦେଇ ପାର ହେଲା । ପରମେଶ୍ୱର ପ୍ରତିଜ୍ଞା କରିଥିଲେ ଯେ ସେ ତାର ଶତ୍ରୁଗଣର ନଗରଦ୍ୱାର ଅଧିକାର କରିବ ।

22 ପରବର୍ତ୍ତୀ ସମୟରେ, ଅନେକ ବର୍ଷ ପରେ, ସେଠାରେ ଦାନିୟେଲ୍ ନାମରେ ଜଣେ ଆସିଲେ, ଯିଏକି ଏହି ରାଜକୀୟ ବୀଜର ବଂଶରେ ଥିଲେ, ଏବଂ ପ୍ରତିଜ୍ଞାର ବଂଶରେ ଥିଲେ, କାରଣ ସେ ଅବ୍ରହାମଙ୍କ ବଂଶ ଥିଲେ । ଏବଂ ପରମେଶ୍ୱର ତାଙ୍କୁ ନିଜର ଭବିଷ୍ୟଦ୍‌ବକ୍ତା ହେବା ପାଇଁ, ଜଗତ ପତ୍ତନାବଧିରୁ ମନୋନୀତ କରିଥିଲେ, ଏବଂ ସେ ସାହସର ସହ ଜୀବନ ଯାପନ କରିଥିଲେ ଏବଂ ସେ ବିଶ୍ୱସ୍ତ ରହିଥିଲେ । ପୁଣି ଏପରିକି ଏକ ଅପରିଚିତ ଦେଶରେ ମଧ୍ୟ, ସେ ନିଜ ହୃଦୟରେ ଏହା ମନସ୍ଥ କରିଥିଲେ, "ମୁଁ ଆପଣାକୁ ସେମାନଙ୍କ ସହିତ ଅପବିତ୍ର କରିବି ନାହିଁ ।" ତାହାହିଁ ହେଉଛି ଅବ୍ରହାମଙ୍କର ପ୍ରକୃତ ବଂଶ; ଏପରି ଏକ ଦେଶରେ ବାସ କରୁଅଛି ଯାହାକି ଭିନ୍ନ ଅଟେ, ଏପରି ଏକ ଲୋକମାନଙ୍କ ମଧ୍ୟରେ ବାସ କରୁଅଛି ଯାହାକି ଭିନ୍ନ ଅଟେ, ମାତ୍ର ତଥାପି ସେହି ପ୍ରତିଜ୍ଞା ପ୍ରତି ସାହସୀ ଥିଲେ । "ମୁଁ ଆପଣାକୁ ସେମାନଙ୍କ ସହିତ ଅପବିତ୍ର କରିବି ନାହିଁ । ମୁଁ ସଚ୍ଚୋଟ ରହିବି ।"

23 ପରମେଶ୍ୱର ତାଙ୍କୁ ଏକ ପରୀକ୍ଷାରେ ପକାଇଲେ ଯେପରି ସେ ତାଙ୍କର ପିତା, ଅବ୍ରହାମ ସହିତ କରିଥିଲେ । ଏବଂ ରାଜା କହିଲେ, "ତୁମେ ହୁଏତ ଆମମାନଙ୍କ ମଧ୍ୟରୁ ଜଣକା ପରି ହେବ ଏବଂ ଆମେ ଉପାସନା କରୁଥିବା ଉପାୟରେ ଉପାସନା କରିବ, ନତୁବା ମୁଁ ତୁମକୁ ଭୋକିଲା ସିଂହରେ ପରିପୂର୍ଣ୍ଣ ଏକ ଗର୍ତ୍ତରେ ପକାଇ ଦେବି ।"

24 ଦାନିୟେଲ, ଆପଣା ପିତା ଅବ୍ରହାମଙ୍କ ପରି, କହିଲେ, "ଆପଣ ମୋତେ ସିଂହ ଗର୍ତ୍ତରେ ପକାଇ ଦେଇପାରନ୍ତି, ମାତ୍ର ମୁଁ ଆପଣଙ୍କର କୌଣସି ପ୍ରତିମାକୁ ପ୍ରଣାମ କରିବି ନାହିଁ । ମୁଁ ଆପଣଙ୍କର ଆନୁଷ୍ଠାନିକ ଧର୍ମକୁ ଗ୍ରହଣ କରିବି ନାହିଁ । ମୁଁ ଯିହୋବାଙ୍କ ପ୍ରତି ସଚ୍ଚୋଟ ରହିବି ।"

25 ଏବଂ ତାହାପରେ ସେଠାରେ ସେହି ଚରମ ପରାକାଷ୍ଠା ଆସିଲା । ରାଜା ତାଙ୍କର ପ୍ରତିଶ୍ରୁତିକୁ ରକ୍ଷା କଲେ ଏବଂ ସେ ଭବିଷ୍ୟଦ୍‌ବକ୍ତାଙ୍କୁ ଉଠାଇ ନେଲେ, କିମ୍ବା ତାଙ୍କୁ ଉଠାଇ ନେଇ ସେହି ସିଂହ ଗର୍ତ୍ତରେ ନିକ୍ଷେପ କଲେ । ଏବଂ ଯେତେବେଳେ ଦାନିୟେଲଙ୍କ ଶତ୍ରୁ, ସେହି ସିଂହମାନେ, ଭବିଷ୍ୟଦ୍‌ବକ୍ତାଙ୍କ ନିକଟକୁ ଦୌଡ଼ିଗଲେ, ପରମେଶ୍ୱର ଆପଣା ପ୍ରତିଜ୍ଞାକୁ ରକ୍ଷା କରିଥିଲେ । ସେ ଆପଣା ଶତ୍ରୁଗଣର ନଗରଦ୍ୱାରକୁ ଅଧିକାର କଲେ । ପରମେଶ୍ୱର ସେଠାରେ ସେହି ସିଂହମାନଙ୍କ ଆଗରେ ଜଣେ ସ୍ୱର୍ଗଦୂତକୁ ଛିଡା କରାଇଲେ, ଏବଂ ନଗରଦ୍ୱାରକୁ ଅଧିକାର କଲେ । ପରମେଶ୍ୱର ଆପଣା ପ୍ରତିଜ୍ଞାକୁ ରକ୍ଷା କରନ୍ତି । "ସେ ଆପଣା ଶତ୍ରୁଗଣର ନଗରଦ୍ୱାରକୁ ଅଧିକାର କରିବେ ।" ପରମେଶ୍ୱର ଏହିପରି କହିଥିଲେ ।

26 ତାହାପରେ ସେଠାରେ ଆହୁରି ତିନିଜଣ ଥିଲେ ଯେଉଁମାନେକି ନିଜର ବିଶ୍ୱସ୍ତତାକୁ ସେହି କାରଣ ପ୍ରତି ଶପଥ କରିଥିଲେ, ଯେଉଁମାନେକି ପ୍ରକୃତରେ ଅବ୍ରହାମଙ୍କ ବଂଶ ଥିଲେ, ଏବଂ ସେମାନେ ଶଦ୍ରକ, ମେଶକ୍ ଏବଂ ଆବେଦ୍‌ନଗୋ ଥିଲେ, ଏବଂ ସେମାନଙ୍କୁ ପରୀକ୍ଷା

କରାଯାଇଥିଲା । ଏବଂ ସେମାନେ କହିଲେ, "ଯଦି ତୁମେମମାନେ ସେତେବେଳେ ମସ୍ତକ ନତ ନ କର ଯେତେବେଳେ ତୁମେମାନେ ବୀଣା ବାଜୁଥିବା-ର ଏବଂ ତୂରୀ ବାଜୁଥିବା-ର ଶୁଣ, ଯଦି ତୁମେମାନେ ଆମର ଧର୍ମକୁ ପ୍ରଣାମ ନ କର, ଏବଂ ସେହି ବିଷୟଠାରୁ ଦୂର ନ ହୁଅ ଯାହା ସପକ୍ଷରେ ତୁମେମାନେ ଛିଡା ହୋଇଅଛ—ଅଛ! ଏବଂ ଯେକୌଣସି ପ୍ରକାରେ ବି, ତୁମେମାନେ ସମସ୍ତେ ଦୁର୍ବଳ ଅଟ । ତୁମର ଧର୍ମ ଅନ୍ୟମାନଙ୍କ ତୁଳନାରେ ଅଧିକ କିଛି ନୁହେଁ ।" କଅଣ ଆମେମାନେ ତାହା ସବୁବେଳେ ଶୁଣୁ ନାହୁଁ କି? ମାତ୍ର ଯୀଶୁ ଖ୍ରୀଷ୍ଟଙ୍କର ସେହି—ସେହି ଧର୍ମ ଅଲଗା ଅଟେ । ତାହାଙ୍କ ପୁନରୁତ୍ଥାନର ଶକ୍ତି ଅଲଗା ଅଟେ । ଆମେମାନେ ଏକ ଭିନ୍ନ ଲୋକ, ଏକ ବିଚିତ୍ର ଲୋକ, ଏକ ରାଜକୀୟ ଯାଜକବର୍ଗ ଅଟୁ । ପରମେଶ୍ୱର ସେହି ପାର୍ଥକ୍ୟକୁ କରନ୍ତି ।

27 କିନ୍ତୁ ଯେତେବେଳେ ସେମାନେ କହିଲେ, "ତୁମକୁ ଆମମାନଙ୍କ ମଧ୍ୟରୁ ଜଣେ ହେବାକୁ ପଡିବ ।" ଏହା ଶଦ୍ରକ, ମେଶକ ଏବଂ ଆବେଦ୍‌ନଗୋଙ୍କ ସହିତ ଠିକ୍ ହୋଇଥାନ୍ତା ଯଦି ସେମାନେ ସେହି ଲୋକମାନଙ୍କ ମଧ୍ୟରୁ ଜଣେ ହେବାକୁ ଚାହିଁଥାନ୍ତେ, ମାତ୍ର ସେମାନେ କେବେ ବି ସେହି ପରଦେଶୀମାନଙ୍କ ମଧ୍ୟରୁ ଜଣେ ହେବେ ନାହିଁ । ତେବେ, ସେମାନେ କହିଲେ, "ଯଦି ତୁମେମାନେ ତାହା ନ କର, ତାହାହେଲେ ଆମ ପାଖରେ ଏଠାରେ ଗୋଟିଏ ନିଆଁଭାଟି ପାଇଁ ଏକ ଦ୍ୱାର ଅଛି, ଯାହାକି ଆମେମନେ ଖୋଲି ଦେଇପାରୁ ଏବଂ ତୁମମାନଙ୍କୁ ସେଥିରେ ପକାଇ ଦେଇପାରୁ, ଆଉ ତୁମେମାନେ ଏହା ଇଚ୍ଛା କରନ୍ତ ଯେ ତୁମେ ଆମମାନଙ୍କ ମଧ୍ୟରୁ ଜଣେ ହୋଇଥାଆନ୍ତ ।"

28 ସେମାନେ ପ୍ରତିଜ୍ଞାକୁ ମନେ ରଖିଥିଲେ । ସେମାନେ ଏମାନଙ୍କୁ ଠିକ ନିଆଁଭାଟି ପାଖକୁ ନେଇଗଲେ । ଏବଂ ଯେତେବେଳେ ସେମାନେ ଦ୍ୱାର ଖୋଲି ସେମାନଙ୍କୁ ସେହି ନିଆଁରେ ଫିଙ୍ଗିଦେଲେ, ସେମାନଙ୍କର ଶତ୍ରୁ ଯାହାକି ସେମାନଙ୍କୁ ଭସ୍ମସାତ କରି ଦେଇଥାନ୍ତା, ସେତେବେଳେ ସେମାନେ ଆପଣା ଶତ୍ରୁମାନଙ୍କର ନଗରଦ୍ୱାରକୁ ଅଧିକାର କଲେ । ପରମେଶ୍ୱର ନିଜର ପୁତ୍ରଙ୍କୁ ସେହି ଅଗ୍ନି ମଧ୍ୟକୁ ପ୍ରେରଣ କଲେ ଏବଂ ଅଗ୍ନିଜ୍ୱାଳାକୁ ଥଣ୍ଡା କରି ଦେଲେ, ଏବଂ ସେମାନଙ୍କ ସହିତ କଥାବାର୍ତ୍ତା କଲେ ଯେତେବେଳେ ସେମାନେ ସେଠାରେ ଭିତରେ ରହିଥିଲେ । ପରମେଶ୍ୱରଙ୍କ ପ୍ରତିଜ୍ଞା ସଚ୍ଚୋଟ ରହିଲା । ସେମାନେ ଶତ୍ରୁର ନଗରଦ୍ୱାରକୁ ଅଧିକାର କଲେ । ପ୍ରଥମେ ପରୀକ୍ଷା କରାଗଲା, ତାହାପରେ ସେମାନେ ଶତ୍ରୁର ନଗରଦ୍ୱାରକୁ ଅଧିକାର କଲେ ।

କଅଣ ଏହା ଯୀଶୁ ନ ଥିଲେ କି ଯିଏକି ସେହି ପ୍ରତିଜ୍ଞା କରିଥିଲେ? "ଯଦି ତୁମେ ଏହି କ୍ଷୁଦ୍ରରୁ କ୍ଷୁଦ୍ରମାନଙ୍କ ମଧ୍ୟରୁ ଜଣକା ପ୍ରତି ବାଧାର କାରଣ ହୁଅ, ଏହା ତୁମ ପାଇଁ ଭଲ ହୋଇଥାଆନ୍ତା ଯେ ତୁମ ଗଳାରେ ଏକ ଚକି ପଥର ଟାଙ୍ଗି ଦିଆଯାଇ ତୁମକୁ ସମୁଦ୍ରର ଗଭୀରରେ ପକାଇ ଦିଆ ଯାଇଥାନ୍ତା । ମୋ ଉପରେ ବିଶ୍ୱାସ କରୁଥିବା ଏହି କ୍ଷୁଦ୍ରମାନଙ୍କ ପ୍ରତି କୌଣସି ବାଧାର କାରଣ ହୁଅ ନାହିଁ । ଏବଂ ଏହି ଚିହ୍ନଗୁଡ଼ିକ ମୋତେ ବିଶ୍ୱାସ କରୁଥିବା ଲୋକମାନଙ୍କର ଅନୁକାରୀ ହେବ ।"

29 ସେ ଏକ ପାର୍ଥକ୍ୟକୁ ଆଣିଲେ । ସେ ଏହା ପ୍ରଦର୍ଶନ କଲେ ଯେ ସେ କଅଣ ବିଶ୍ୱାସ କରନ୍ତି ଏବଂ କଅଣ ବିଶ୍ୱାସ କରନ୍ତି ନାହିଁ ।

ସେଠାରେ, ସର୍ବଦା, ସେଠାରେ ତିନୋଟି ପ୍ରକାରର ଲୋକଙ୍କର ଭିଡ଼ ରହିଥାଏ, ତାହା ହେଉଛି: ଅବିଶ୍ୱାସୀ, କୃତ୍ରିମ-ବିଶ୍ୱାସୀ ଏବଂ ବିଶ୍ୱାସୀ । ମାତ୍ର ପରମେଶ୍ୱରଙ୍କ ପାଖରେ ଏହା ପ୍ରମାଣ କରିବାର ଉପାୟ ଅଛି ଯେ ଜଣେ ବିଶ୍ୱାସୀ କିଏ ଅଟେ । ସେହି ବିଶ୍ୱାସୀ ସେଥିରେ ଦୃଢ଼ ଭାବରେ ଛିଡା ହୋଇଥାଏ ଯାହା ପରମେଶ୍ୱର ସତ୍ୟ ବୋଲି କୁହନ୍ତି । ହଁ ।

30 ଏହା ସେତେବେଳେ ତିସ୍‌ବୀୟ, ଏଲିୟ ଥିଲେ, ଯେତେବେଳେ ତାହା ଏକ ଚରମ ପରାକାଷ୍ଠାର ସମୟ ଆସିଥିଲା, ଯେତେବେଳେକି ସେ ଭାବିଥିଲେ ଯେ ସେ ହିଁ କେବଳ ଜଣେ ମାତ୍ର ସେହି ଦେଶରେ ଅଛନ୍ତି ଯିଏକି ଏଯାଏଁ ପରମେଶ୍ୱରଙ୍କ ନିମନ୍ତେ ବଞ୍ଚି ରହିଛନ୍ତି । ଏବଂ ରାଜା ତାଙ୍କୁ ଏକ ପରୀକ୍ଷାରେ ଆଣିବାକୁ ଯାଉଥିଲେ । ଆଉ ସେମାନେ ତାହାଙ୍କୁ ତାଡ଼ନା କଲେ । ଏବଂ ଇଷେବେଲ ନାମ୍ନୀ ସେହି ସାନ, ରଙ୍ଗ ପ୍ରସାଧନ ଲେପନ-କରୁଥିବା ରାଣୀ, ତାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଥିଲା । ଏବଂ ଯେତେବେଳେ ତାହା ଚରମ ପରାକାଷ୍ଠାର ବିଷୟ ଆସିଲା, ସେତେବେଳେ ଏଲିୟ ତାଙ୍କ ଶତ୍ରୁର ନଗରଦ୍ୱାରକୁ ଅଧିକାର କଲେ ଓ ସମଗ୍ର ଦେଶକୁ ପୁନର୍ବାର ପରମେଶ୍ୱରଙ୍କ ନିକଟକୁ ଫେରାଇ ଆଣିଲେ । ପରମେଶ୍ୱର ଆପଣା ପ୍ରତିଜ୍ଞାକୁ ରକ୍ଷା କରନ୍ତି ।

31 ଏହା ମୋଶା ଥିଲେ, ଯିଏକି ମଧ୍ୟ ଏହି ରାଜକୀୟ ବୀଜର ସେହି ବଂଶ, ଅବ୍ରହାମଙ୍କ ବଂଶରେ ରହିଥିଲେ, ଯେତେବେଳେ ତାଙ୍କୁ ଇସ୍ରାଏଲ ସନ୍ତାନଗଣଙ୍କୁ ଉଦ୍ଧାର କରିବା ନିମନ୍ତେ, ମିସରକୁ ପଠାଗଲା; ଏବଂ ପରମେଶ୍ୱର ତାଙ୍କୁ ସାଧନ କରିବା ପାଇଁ ଓ ପୃଥିବୀକୁ ଆଘାତ କରିବା ପାଇଁ, ଚିହ୍ନ ଚମତ୍କାର ଓ ଆଶ୍ଚର୍ଯ୍ୟକର୍ମମାନ ଦେଇଥିଲେ, ପୁଣି ବେଙ୍ଗ, ଓ ପୋକ, ଆଉ ଅନ୍ଧକାର, ଏବଂ କୁଆପଥର, ଓ ବର୍ଷା, ପୁଣି ଅଗ୍ନି ଆଣିବା ପାଇଁ ଦେଇଥିଲେ, ଏବଂ ଏହି ସମସ୍ତ ଚମତ୍କାର କାର୍ଯ୍ୟମାନ ସାଧନ କରିଥିଲେ । ତଥାପି, ଯେତେବେଳେ ସେ ସେମାନଙ୍କୁ ଯିହୋବାଙ୍କ ହସ୍ତ ଦ୍ୱାରା ବାହାର କରି ଆଣିଲେ, ସେଠାରେ ଏପରି ଏକ ସମୟ ଆସିଲା ଯେତେବେଳେ ସେ ନିଜ ଓ ପ୍ରତିଜ୍ଞାତ ଦେଶ ମଧ୍ୟରେ ସେହି ନଗରଦ୍ୱାରକୁ ଭେଟିଥିଲେ । ସେଠାରେ ମାର୍ଗର ଆର ପାରିରେ ଏକ ଦଣ୍ଡ, ସୂଫ ସାଗର ରହିଥିଲା । ସେମାନେ ଫାରୋଙ୍କ ସୈନ୍ୟବାହିନୀ, ପର୍ବତ, ଓ ମରୁଭୂମି, ପୁଣି ସେହି ସୂଫ ସାଗର ଦ୍ୱାରା ଘେରା ଯାଇଥିଲେ । ମାତ୍ର ମୋଶା ଆଗକୁ ବଢିଲେ ଏବଂ ଆପଣା ଶତ୍ରୁର ନଗରଦ୍ୱାରକୁ ଅଧିକାର କଲେ, ଏବଂ ସୂଫ ସାଗରକୁ, ଶୁଖିଲା ପାଦରେ ଅତିକ୍ରମ କଲେ, ଯେପରିକି ସେ ଧୂଳି ରାସ୍ତାରେ ଗମନାଗମନ କରୁଥିଲେ । "ସେ ଶତ୍ରୁର ନଗରଦ୍ୱାରକୁ ଅଧିକାର କରିବ ।" ପରମେଶ୍ୱର ତାହା କହିଥିଲେ, ଏବଂ ତାହା ଏହାକୁ ସମାଧାନ କରେ ।

32 କିଛି ବର୍ଷ ପରେ ହୋଇଥିଲା ଯେତେବେଳେ ପରୀକ୍ଷାଗୁଡିକ ଆସିଲା, ଏବଂ ମଣ୍ଡଳୀ ସମସ୍ତେ କମ୍ପିତ ହୋଇଗଲେ, ଯେପରିକି ଲୋକମାନଙ୍କର ଏକ ମଣ୍ଡଳୀ ନିମନ୍ତେ ତାହା

କରିବା ଅତି ସହଜ ଅଟେ ଯେତେବେଳେ କିଛି ଗୋଟାଏ ବିଷୟ ଠିକ ସେହିଭଳି ଘଟିବା ପରି ଦେଖାଯାଏ ନାହିଁ ଯେପରିକି ତାହା ହେବା ଉଚିତ୍ । ପରମେଶ୍ୱର ଏହାକୁ ସେହିପରି ଭାବରେ କରିଥାନ୍ତି । ପରମେଶ୍ୱର ମଣ୍ଡଳୀରେ ତିକ୍ତତା ଆଣନ୍ତି, "ପରମେଶ୍ୱରଙ୍କ ନିକଟକୁ ଆସୁଥିବା ପ୍ରତ୍ୟେକ ପୁତ୍ରକୁ ପରୀକ୍ଷିତ, ଏବଂ ପ୍ରମାଣିତ, ଓ ସିଦ୍ଧ କରାଯିବା ଆବଶ୍ୟକ ।" ସେ ଆପଣଙ୍କୁ ଅସୁସ୍ଥତାରେ ଆଘାତ ହେବା ପାଇଁ ଦିଅନ୍ତି । ସେ ଆପଣଙ୍କ ଉପରେ ରୋଗ ଆସିବାକୁ ଦିଅନ୍ତି, ଯେପରିକି ଆପଣଙ୍କୁ ପରୀକ୍ଷା କରାଯାଏ, ଓ ଆପଣଙ୍କୁ ସିଦ୍ଧ କରାଯାଏ, ଜଗତକୁ ଏହା ଦେଖାଇବା ନିମନ୍ତେ ଯେ ଆପଣ ପ୍ରକୃତରେ ଅବ୍ରହାମଙ୍କ ବଂଶ ଅଟନ୍ତି । ସେ ନିଜ ଇଚ୍ଛାରେ ଏହାକୁ ଅନୁମତି ଦିଅନ୍ତି । ସେ ବିପର୍ଯ୍ୟୟଗୁଡିକୁ ଅନୁମତି ଦିଅନ୍ତି । ସେ ବନ୍ଧୁମାନଙ୍କୁ ଆପଣଙ୍କ ବିରୁଦ୍ଧରେ ହୋଇଯିବାକୁ ଅନୁମତି ଦିଅନ୍ତି । ସେ ଏହି ବିଷୟସବୁକୁ ଅନୁମତି ଦିଅନ୍ତି, ଏବଂ ଶୟତାନକୁ ଆପଣଙ୍କୁ ପ୍ରଲୋଭିତ କରିବା ନିମନ୍ତେ, ମୁକ୍ତ କରି ଦିଅନ୍ତି । ଏବଂ ସେ ଆପଣଙ୍କର ଜୀବନକୁ ନେବା ବ୍ୟତୀତ ଅନ୍ୟ ସବୁକିଛି ବିଷୟ କରିବ । ସେ ଆପଣଙ୍କୁ ଦୁଃଖର ଶଯ୍ୟା ଉପରେ ପକାଇ ଦେଇପାରେ । ସେ ଆପଣଙ୍କର ପଡ଼ୋଶୀମାନଙ୍କୁ ଆପଣଙ୍କର ବିରୁଦ୍ଧରେ କରି ଦେଇପାରେ । ସେ ମଣ୍ଡଳୀକୁ ଆପଣଙ୍କ ବିରୁଦ୍ଧରେ କରି ଦେଇପାରେ । ସେ ଅଧିକାଂଶ ସବୁକିଛି କରି ଦେଇପାରେ, ଏବଂ ଏହା କରିବା ତାଙ୍କ ପାଇଁ ପରମେଶ୍ୱରଙ୍କର ଇଚ୍ଛା ଅଟେ । ଆମକୁ ଶିକ୍ଷା ଦିଆଯାଇଅଛି ଯେ ତାହା ଆମ ପାଇଁ, ସୁବର୍ଣ୍ଣଠାରୁ ଅଧିକ ମୂଲ୍ୟବାନ ଅଟେ ।

33 ସେହି ପର୍ବତ ଉପରେ, ଅବ୍ରହାମଙ୍କ ସହିତ ଇସ୍‌ହାକଙ୍କ ବିଷୟରେ କଅଣ, ଯିଏକି ସେହି ଜଣକ ଅଟନ୍ତି ଯାହାଙ୍କୁ ପ୍ରତିଜ୍ଞା ଦିଆ ଯାଇଥିଲା? ଏବଂ ତାଙ୍କର ବିଶ୍ୱସ୍ତତା, ଓ ଜ୍ଞାନ, ଏବଂ ଯିହୋବାଙ୍କ ଉପରେ ତାଙ୍କ ବିଶ୍ୱାସ ଦ୍ୱାରା, ଏହା ତାହା ଦ୍ୱାରା ହିଁ ଅଟେ, ଓ ଏକାକୀ ତାହା ଦ୍ୱାରା ହିଁ ଅଟେ, ଯେ ପରମେଶ୍ୱର ତଳକୁ ଚାହିଁ କହିଲେ, "ତାହାର ବଂଶ ନଗରଦ୍ୱାରକୁ ଅଧିକାର କରିବ । ମୁଁ ନିଜଠାରେ ଶପଥ କରିଅଛି ଯେ ମୁଁ ଏହିସବୁ ବିଷୟ କରିବି ।" ଶପଥ କରିବା ନିମନ୍ତେ ସେ ଅନ୍ୟ କାହାରିକୁ ଅଧିକ ମହତ୍ତର ପାଇ ପାରି ନ ଥିଲେ, ମାତ୍ର ସେ ନିଜଠାରେ ଶପଥ କରିଥିଲେ ।

ତାହାପରେ, ଯଦି ସେ ଅବ୍ରହାମଙ୍କୁ ସେହି ଅନ୍ତିମ ବିନ୍ଦୁ ପର୍ଯ୍ୟନ୍ତ ପରୀକ୍ଷା ହେବାକୁ ଦେଲେ, ତାହାହେଲେ ତାହାଙ୍କୁ ତ ଆପଣଙ୍କୁ ଏବଂ ମୋତେ ମଧ୍ୟ ସେହି ଅନ୍ତିମ ମୁହୂର୍ତ୍ତ ପାଇଁ ପରୀକ୍ଷା କରିବାକୁ ପଡ଼ିବ, ନିଷ୍ପତ୍ତିର ସେହି ସମୟ ପର୍ଯ୍ୟନ୍ତ ଯେତେବେଳେକି ସବୁକିଛି ବିଷୟ ଆପଣଙ୍କଠାରୁ ଦୂରରେ ଅଟେ । ଆପଣଙ୍କୁ ତ ସେଠାରେ ଏକାକୀ ଛିଡା ହେବାକୁ ପଡିବ । ହାଲ୍ଲେଲୁୟା! ଏହାହିଁ ତାହା ଅଟେ ।

34 ଏକାକୀ ଛିଡା ହୁଅନ୍ତୁ । ସେଠାକୁ ଯାଆନ୍ତୁ ଏବଂ କୁହନ୍ତୁ, "ଯଦିଓ ସେ ମୋତେ ହତ୍ୟା କରନ୍ତି, ତଥାପି ମୁଁ ତାହାଙ୍କ ଉପରେ ଭରସା ରଖିବି ।" ତାହା ହେଉଛି ଅବ୍ରହାମଙ୍କ ବଂଶ । ତାହା ହିଁ ସେହି ଜଣକା ଅଟେ ଯାହାଙ୍କୁ ପ୍ରତିଜ୍ଞା ଦିଆଯାଇଅଛି । "ଏଥିରେ କିଛି ଯାଏ ଆସେ ନାହିଁ ଯେ ଅବଶିଷ୍ଟ କଅଣ କୁହନ୍ତି, ବାକିମାନେ କଅଣ କରନ୍ତି; ମୋ ପାଇଁ ଏବଂ ମୋ ଘର ପାଇଁ, ଆମେ ତ ପରମେଶ୍ୱରଙ୍କ ସେବା କରିବୁ ।" କହିଲେ, "ଯଦି ବାକିମାନେ କୁହନ୍ତି, 'ଅଭିଜ୍ଞତା କିଛି ନୁହେଁ ।

ଏହା ତ ଏକ ଉତ୍ତେଜନା ମାତ୍ର'; ମୋ ପାଇଁ ଏବଂ ମୋ ଘର ପାଇଁ, ଆମେ ତ ପରମେଶ୍ୱରଙ୍କ ସେବା କରିବୁ ।"

ଏବଂ ମୁଁ ଠିକ ଏଠାରେ ପାଉଲଙ୍କ ସହିତ ପକ୍ଷ ନେବାକୁ ପସନ୍ଦ କରିବି, ଏବଂ କହିବାକୁ ଚାହିଁବି, "ଯେଉଁ ଉପାୟରେ ସେମାନେ ଏହାକୁ 'ଈଶ୍ୱର ଦ୍ରୋହ' ବୋଲି କୁହନ୍ତି ସେହି ଉପାୟରେ ମୁଁ ଆମର ପିତୃପୁରୁଷଙ୍କ ପରମେଶ୍ୱରଙ୍କୁ ଉପାସନା କରେ ।"

"ଯଦିଓ ସେହି ଭଗ୍ନକାରୀମାନ ମଣ୍ଡଳୀକୁ ଆସନ୍ତି, ଯଦିଓ ସେମାନେ ସେହି ବିଚ୍ୟୁତକାରୀମାନ ଅଟନ୍ତି, ଏବଂ ଯଦିଓ ସେମାନେ ସମସ୍ତ ପ୍ରକାରର ଭଣ୍ଡ ଭାବବାଦୀମାନ ଓ ସବୁକିଛି ବିଷୟ ମଣ୍ଡଳୀ ମଧ୍ୟକୁ ଲୋକମାନଙ୍କ ଗହଣରେ ଆସନ୍ତି, ଏବଂ ପଡ଼ୋଶୀ ଓ ସବୁକିଛିରେ ଆସନ୍ତି; କିନ୍ତୁ ମୋ ପାଇଁ ଏବଂ ମୋ ଘର ପାଇଁ, ଆମେ ତ ପ୍ରଭୁଙ୍କର ସେବା କରିବୁ । ଯଦିଓ ସେମାନେ ସମସ୍ତେ ଆସିବା ଛାଡି ଦିଅନ୍ତି, ଏବଂ ଯଦିଓ ମଣ୍ଡଳୀ ଥଣ୍ଡା, ଉଦାସୀନ ହୋଇଯାଏ, ମୁଁ ଏବଂ ମୋ ଘର, ଆମେ ତ ପ୍ରଭୁଙ୍କର ସେବା କରିବୁ । ଯଦିଓ ଯେପରିକି କାହାରି ପାଇଁ ପ୍ରାର୍ଥନା କରାଗଲା ଏବଂ ଭଲ ହେଲା ନାହିଁ; ତାହାର ଏହା ସହିତ କୌଣସି ସମ୍ପର୍କ ନାହିଁ; କାରଣ ମୁଁ ଏବଂ ମୋ ଘର, ଆମେ ତ ପ୍ରଭୁଙ୍କର ସେବା କରିବୁ ।" ସେହି ପରୀକ୍ଷା ଏବଂ ପରୀକ୍ଷଣମାନ ।

35 ମଣିଷମାନେ ଅମୋଘ ନୁହେଁ, ମାତ୍ର ପରମେଶ୍ୱର ଅଟନ୍ତି । ମଣିଷ, ଆପଣ ଜଣେ ମଣିଷ ଉପରେ ନିଜର ମନକୁ ଲଗାନ୍ତୁ, ସେ ଏକ ଭୁଲ କରି ପକାଇବ । ବୋଧହୁଏ ଇଚ୍ଛାକୃତ ଭାବରେ ନୁହେଁ, ମାତ୍ର ସେ ତାହା କରିବ । ପରମେଶ୍ୱର ତାକୁ ଏହା କରିବାକୁ ଅନୁମତି ଦିଅନ୍ତି ଯେପରିକି ସେ ଆପଣଙ୍କର ବିଶ୍ୱାସକୁ ମନୁଷ୍ୟଠାରୁ ଦୂରେଇ କରି ଦେଇପାରନ୍ତି । ଆମର ବିଶ୍ୱାସ ମନୁଷ୍ୟର ଜ୍ଞାନରେ ନୁହେଁ, ମାତ୍ର ଯୀଶୁ ଖ୍ରୀଷ୍ଟଙ୍କ ପୁନରୁତ୍ଥାନର ଶକ୍ତିରେ ଅଟେ । ସେଠାରେ ହିଁ ଅଟେ ଯେଉଁଠାରେକି ଅବ୍ରହାମଙ୍କର ପ୍ରକୃତ ବଂଶ ସେମାନଙ୍କର ପ୍ରତିଜ୍ଞାକୁ ନିର୍ଭର କରାଇଥାଏ । କାରଣ, ସେମାନେ କେବଳ ସେତେବେଳେ ଅବ୍ରହାମଙ୍କ ବଂଶ ହୋଇପାରନ୍ତି ଯେତେବେଳେ ସେମାନେ ପବିତ୍ରଆତ୍ମାଙ୍କୁ ଗ୍ରହଣ କରନ୍ତି । ପବିତ୍ରଆତ୍ମା ବିନା ସେମାନେ ଅବ୍ରହାମଙ୍କ ବଂଶ ନୁହଁନ୍ତି । ଅବ୍ରହାମଙ୍କଠାରେ ଥିବା ସେହି ସମାନ ବିଶ୍ୱାସ ବିଶ୍ୱାସୀ ମଧ୍ୟକୁ ଆସେ । ଏଥିରେ କିଛି ଯାଏ ଆସେ ନାହିଁ ଯେ କଅଣ ଘଟେ କିମ୍ବା କେତେ ବିରୁଦ୍ଧାତ୍ମକ ଅଟେ, ବିଶ୍ୱାସୀ ତ ଠିକ୍ ମାର୍ଗରେ ଆଗକୁ ବଢି ଚାଲିଥାଏ ।

36 ଗୁପ୍ତଚରମାନେ ଫେରି ଆସିଲେ ଓ କହିଲେ, "ଓଃ, ଏହା—ଏହା ଚେଷ୍ଟା କରିବାଟା ତ ମୂର୍ଖତା ଅଟେ । ଆଉ ଆଗକୁ ଯିବାର କୌଣସି ଆବଶ୍ୟକତା ନାହିଁ, କାରଣ ସେହି ଲୋକମାନେ ସେଠାରେ ସେପରି ମହାବୀରଗଣ ଅଟନ୍ତି । ଏବଂ ସେମାନଙ୍କର ମହାନ ଶାସନମାନ ରହିଛି, ଏବଂ ସେମାନଙ୍କ ପାଖରେ—ସେମାନଙ୍କ ପାଖରେ ବର୍ଚ୍ଛା ଅଛି, ଏବଂ, କାହିଁକି, ଆମେମାନେ ତ ସେମାନଙ୍କ ପାର୍ଶ୍ୱରେ ଫଡିଙ୍ଗ ପରି ଦେଖାଯାଉ ।"

37 ମୁଁ ଜାଣେ ନାହିଁ, ମାତ୍ର ମୁଁ ଏଠାରେ ଏହା ବିଶ୍ୱାସ କରିବା ହେତୁ ଅନୁପ୍ରଣିତ ଅଟେ

ଯେ ଯିହୋଶୂୟ ଜଣେ ସାନ ଆକାର ବିଶିଷ୍ଟ ବ୍ୟକ୍ତି ଥିଲେ, ଜଣେ ଛୋଟ ଆକାର, ସାନ ବ୍ୟକ୍ତି ଥିଲେ । ମୁଁ ତାଙ୍କୁ ଦେଖିପାରେ ଯେ ସେ, କୌଣସି ଏକ ପ୍ରକାର ବାକ୍ସ ଉପରେ—ରେ ଡେଇଁ ପଡିଲେ, ଏବଂ କହିଲେ, "ପୁରୁଷ ଓ ଭାଇମାନେ," କୋଡ଼ିଏ ଲକ୍ଷ ଲୋକମାନଙ୍କୁ, "ଆମେ ସେମାନଙ୍କ ଉପରେ ଅଧିକାର କରିବା ହେତୁ ଯଥେଷ୍ଟ ସକ୍ଷମ ଅଟୁ ।" ବୁଝିଲେ? କାହିଁକି? ସେଠାରେ ଅବ୍ରହାମଙ୍କ ବଂଶ ଥିଲା । ପରମେଶ୍ୱର ପ୍ରତିଜ୍ଞା ଦେଇଥିଲେ । ତାହା ସେମାନଙ୍କର ଅଧିକାର ଥିଲା । ପରମେଶ୍ୱର ପ୍ରତିଜ୍ଞା ଦେଇଥିଲେ । ବିରୋଧୀ କଅଣ ଥିଲା ସେଥିରେ କିଛି ଯାଏ ଆସେ ନାହିଁ, ଅବ୍ରହାମଙ୍କ ପ୍ରକୃତ ବୀଜ କହିଲା, "ଆମେମାନେ ତାହା ଅଧିକାର କରିପାରୁ କାରଣ ପରମେଶ୍ୱର ତାହା ଆମକୁ ଦେଇଅଛନ୍ତି ।"

38 ଆଜି ସକାଳେ ଆପଣ ସେଠାରେ ଛିଡା ହୋଇଛନ୍ତି । ସେଠାରେ ଜୀବନ୍ତ ପରମେଶ୍ୱରଙ୍କ ମଣ୍ଡଳୀ ଛିଡା ହୋଇଅଛି । ମୋର ସେଥିରେ କିଛି ଫରକ୍ ପଡ଼େ ନାହିଁ ଯେ ଅନ୍ୟ କେହି କଅଣ କୁହନ୍ତି, ଡାକ୍ତର କଅଣ କୁହନ୍ତି, ଯାହାକିଛି ବି ଅଟେ, ଅବିଶ୍ୱାସୀ କଅଣ କୁହେ, ଯାହାକିଛି ବି ମାର୍ଗରେ ଆସେ ତାହାର ସମ୍ମୁଖିନ ହୋଇ ପାରିବାରେ ଆମେମାନେ ତାହାଠାରୁ ଅଧିକ ସକ୍ଷମ ଅଟୁ । ଆମେମାନେ ଅବ୍ରହାମଙ୍କ ବଂଶ ଅଟୁ, ଏବଂ ଆମେମାନେ ନିଜର ଶତ୍ରୁର ନଗରଦ୍ୱାରକୁ ଅଧିକାର କରିବୁ, ଯାଏ ଆସେ ନାହିଁ ଯେ ଶତ୍ରୁ କଅଣ ଅଟେ । ପରମେଶ୍ୱର ପ୍ରତିଜ୍ଞା ଦେଇଥିଲେ । ତାହା ସେମାନଙ୍କର, ସେମାନଙ୍କର ଅଧିକାର ଥିଲା ।

39 ଆରୋଗ୍ୟତା ଆପଣଙ୍କର ଅଧିକାର ଅଟେ । ପରିତ୍ରାଣ ଆପଣଙ୍କର ଅଧିକାର ଅଟେ । ପବିତ୍ରଆତ୍ମା ଆପଣଙ୍କର ଅଧିକାର ଅଟେ । ଏବଂ ସେଠାରେ ଆଜି ଦେଶରେ ବହୁତ ଅଧିକ, ହଜାର ହଜାର ପ୍ରଚାରକଗଣ ଏବଂ ଅନ୍ୟାନ୍ୟମାନେ ଅଛନ୍ତି, ଯେଉଁମାନେକି କୁହନ୍ତି, "ତାହା ସେହିପରି ନୁହେଁ ।" ମାତ୍ର ଅବ୍ରହାମଙ୍କ ବଂଶ ଜାଣେ ଯେ ତାହା ସେହିପରି ଅଟେ । ସେମାନେ ଠିକ ଆଗକୁ ମାଡି ଯାଆନ୍ତି ଓ ଶତ୍ରୁର ନଗରଦ୍ୱାରକୁ ଅଧିକାର କରନ୍ତି । ପରେମଶ୍ୱର କହିଥିଲେ ଯେ ସେମାନେ କରିବେ । ସେମାନେ ଏହା ବିଶ୍ୱାସ କରନ୍ତି କାରଣ ଏହା ଏକ ପ୍ରତିଜ୍ଞା ଅଟେ । "ତାହାର ବଂଶ ଶତ୍ରୁର ନଗରଦ୍ୱାରକୁ ଅଧିକାର କରିବ ।" ତେବେ ଆପଣ ପରୀକ୍ଷା, ପରୀକ୍ଷଣମାନ ଦେଇ ଗତି କରିବେ ।

40 ଏବଂ ଯିହୋଶୂୟ ସେଠାରେ ବିଶ୍ୱସ୍ତ ଭାବରେ, ଛିଡା ହୋଇଥିଲେ । ସେହି ସାନ ବ୍ୟକ୍ତି କହିଲେ, "ମୋର କିଛି ଫରକ୍ ପଡ଼େ ନାହିଁ ଯେ ସେମାନେ କେତେ ବଡ଼ ଅଟନ୍ତି । ମୋର ସେଥିରେ କିଛି ଫରକ୍ ପଡ଼େ ନାହିଁ ଯେ ସେମାନଙ୍କ ପାଖରେ କେଉଁ ପ୍ରକାରର ବର୍ଚ୍ଛା ଅଛି, ସେମାନଙ୍କ ନଗରଗୁଡ଼ିକ କେତେ ଉଚ୍ଚ ପାଚେରୀ ବିଶିଷ୍ଟ ଅଟେ, ଏବଂ ଏହା କେତେ ବଡ ଅଟେ । ଆମର ପ୍ରତିଜ୍ଞା ହେଉଛି, ଯେ, 'ସେହି ନଗରଦ୍ୱାର ପରମେଶ୍ୱରଙ୍କ ସନ୍ତାନମାନଙ୍କ ବଂଶ ଦ୍ୱାରା ଅଧିକାର କରାଯିବ,' ଏବଂ ଆମେ ସେଗୁଡିକୁ ଅଧିକାର କରିବାକୁ ଯାଉଅଛୁ । ଆମେମାନେ ସେମାନଙ୍କର ସମ୍ମୁଖିନ ହେବା ନିମନ୍ତେ ଯଥେଷ୍ଟ ସକ୍ଷମ ଅଟୁ ।" ଓଃ, ତାହା ହେଉଛି ପ୍ରକୃତ ବଂଶ ।

41 ସେମାନଙ୍କ ମଧ୍ୟରୁ ଅନେକେ ଯେଉଁମାନେକି ପ୍ରାକୃତିକ ବଂଶ ଭାବରେ, ଜନ୍ମ ହୋଇଥିଲେ, କହିଲେ, "ଆମେମାନେ ତ ତାହା କରିପାରିବୁ ନାହିଁ । ଚେଷ୍ଟା କରିବାର କୌଣସି ଆବଶ୍ୟକତା ନାହିଁ । ଦେଖନ୍ତୁ, ଆମେମାନେ ଅପେକ୍ଷାକୃତ ଅଳ୍ପସଂଖ୍ୟକ ଅଟୁ । ଆମେମାନେ ତ ସମସ୍ତ ବିଷୟରେ କ୍ଷୀଣ ଅଟୁ; ଆମେମାନେ ସବୁକିଛି ଅଟୁ ।" ଯାହାକିଛି ବି ହେଉ, ସେ କରିବେ ନାହିଁ...ସେମାନେ ତାହା ଦେଖୁଥିଲେ...ଯାହା ଚକ୍ଷୁ ଦେଖୁଥିଲା । ଏବଂ ଯିହୋଶୂୟ ତାହା ଦେଖୁଥିଲେ ଯାହା ପରମେଶ୍ୱର କହିଥିଲେ ।

42 ଅବ୍ରହାମଙ୍କ ବଂଶ କୌଣସି ବି ପ୍ରାକୃତିକ ଜିନିଷକୁ ଦେଖେ ନାହିଁ । ସେମାନେ ତାହା ଦେଖନ୍ତି ଯାହା ପ୍ରଭୁ କହିଛନ୍ତି । ତାହାହିଁ ପ୍ରତିଜ୍ଞା ଅଟେ । କଅଣ ହୋଇଥାଆନ୍ତା ଯଦି ଅବ୍ରହାମ ପ୍ରାକୃତିକ ବିଷୟକୁ ଅନାଇ ଥାଆନ୍ତେ? ଶହେ ବର୍ଷ ବୟସ୍କା ଜଣେ ସ୍ତ୍ରୀଲୋକ...ନବେ ବର୍ଷର, ସେ ଥିଲେ । ଏବଂ ଅବ୍ରହାମ ଶହେ ବର୍ଷର ଥିଲେ । ଏବଂ ଅବ୍ରହାମ ତାଙ୍କ ସହିତ ରହି ଆସିଥିଲେ, ଯେତେବେଳେ ସେ ଏକ ସାନ ଝିଅ ମାତ୍ର ଥିଲେ, ଏବଂ ଅବ୍ରହାମ ଏକ ଛୋଟ ପିଲା ହିଁ ଥିଲେ, ଆଉ କୌଣସି ବଂଶ ହୋଇ ନ ଥିଲା । ସେ ସେହି ବିଷୟଗୁଡିକୁ ଦେଖିଲେ ନାହିଁ । ସେ କହିଲେ ଯେ ସେ ସେହି ବିଷୟଗୁଡ଼ିକୁ ନ ଥିବା ପରି ଗଣନା କଲେ, ଯେହେତୁ ସେ କେବଳ ସେଥିପ୍ରତି ଦୃଷ୍ଟି ଦେଇଥିଲେ ଯାହା ପରମେଶ୍ୱର କହିଥିଲେ । "ଅବ୍ରହାମ, ମୁଁ ତୁମକୁ ଆଶୀର୍ବାଦ କରିବି, ଏବଂ ମୁଁ ତୁମକୁ ସାରାଙ୍କ ଦ୍ୱାରା ବଂଶ ଦେବି ।" ଏବଂ ସେ ଏହାକୁ ବିଶ୍ୱାସ କରିଥିଲେ । ଆପଣ ବିରୋଧୀକୁ ଦେଖନ୍ତି ନାହିଁ । ଆମେ ତ ତାହାକୁ ଦେଖୁ ଯାହା ପରମେଶ୍ୱର କହିଛନ୍ତି । ପରେମଶ୍ୱର ଏହା କହିଛନ୍ତି, ତାହା ଏହାକୁ ସମାଧାନ କରେ ।

43 ତେଣୁକରି ଯେତେବେଳେ ସେ ଯର୍ଦ୍ଦନ ନଦୀ ନିକଟକୁ ଆସିଲେ, ଯେତେବେଳେ ଯିହୋଶୂୟଙ୍କୁ ସେନାର ଅ-ଧ୍ୟ-କ୍ଷ ଭାବେ ନିଯୁକ୍ତ କରାଗଲା, ଏବଂ ସେମାନେ ଠିକ ଜଳର ପ୍ରାନ୍ତକୁ ଆସିଗଲେ ଓ ଅନ୍ୟ ପାରିକୁ ଚାହିଁ ଯିରୀହୋକୁ ଦେଖି ପାରିଥିଲେ । ମାତ୍ର, ସେମାନଙ୍କ ମଧ୍ୟରେ, ଯେତେବେଳେ ଯିହୋଶୂୟ ତାଙ୍କର ସୈନ୍ୟଗଣକୁ ପ୍ରସ୍ତୁତ କଲେ, ସେଠାରେ ଏକ ନଗରଦ୍ୱାର ରହିଥିଲା । ସେହି ନଗରଦ୍ୱାରକୁ ଯର୍ଦ୍ଦନ କୁହାଯାଉଥିଲା ।

ମାତ୍ର ପରମେଶ୍ୱରଙ୍କ ପ୍ରତିଜ୍ଞା ପ୍ରତ୍ୟେକ ନଗରଦ୍ୱାରରେ ମଙ୍ଗଳମୟ ଅଟେ । ଏହା ଯେଉଁ ନଗରଦ୍ୱାର ହେଉ ନା କାହିଁକି, ପରମେଶ୍ୱରଙ୍କ ପ୍ରତିଜ୍ଞା ମଙ୍ଗଳମୟ ଅଟେ । "ସେ ଆପଣା ଶତ୍ରୁଗଣର ନଗରଦ୍ୱାରକୁ ଅଧିକାର କରିବ ।" ତାହା ଏହାକୁ ସମାଧାନ କରେ ।

ସେଦିନ ସକାଳେ ଯେତେବେଳେ ସେ ଯର୍ଦ୍ଦନ ନିକଟକୁ ଆସିଲେ, ସମ୍ଭବତଃ, ମୁଁ ବିଶ୍ୱାସ କରିବାକୁ ଯାଉଅଛି ଯେ ଶୟତାନ ସବୁଆଡେ ଝଡ଼ ତୋଫାନର ମେଘଗୁଡିକୁ ରଖିଥିଲା, ସେହି ବଡ ପୁରୁଣା କାଦୁଅ ଜଳ, ବନ୍ୟାପ୍ଳାବିତ କ୍ଷେତଗୁଡିକରେ ବହି-ଆସିଥିଲା । ଓଃ, କି ଏକ ପରୀକ୍ଷାର ସମୟ ଥିଲା! ମାତ୍ର ଯିହୋଶୂୟ କହିଲେ, "ପ୍ରସ୍ତୁତ ହୁଅ, ତୁମେ ପରମେଶ୍ୱରଙ୍କ ମହିମା ଦେଖିବାକୁ ଯାଉଅଛ ।" ଏବଂ ସେମାନେ ନିଜକୁ ପବିତ୍ରୀକୃତ କରି ପ୍ରସ୍ତୁତ ହେଲେ, ପ୍ରସ୍ତୁତ କଲେ, ଯେତେବେଳେ ସମସ୍ତ କିଛି ବିଷୟ ବିରୁଦ୍ଧାତ୍ମକ ପରି ମନେ ହେଉଥିଲା । ମାତ୍ର

ତାହା ସେହି ଅବ୍ରହାମଙ୍କ ବଂଶ ଥିଲା, ଯାହାକୁ ପରମେଶ୍ୱର ଶପଥ କରିଥିଲେ, “ମୁଁ ତାଙ୍କୁ ନଗରଦ୍ୱାର ଦେବି।” ସେ ଯର୍ଦ୍ଦନ ନିକଟକୁ ଆସିଲେ, ତାହା ତାଙ୍କର ନଗରଦ୍ୱାର ଥିଲା, ଏବଂ ସେ ଏହାକୁ ଅଧିକାର କରି ନେଲେ।

44 ଏହି ସକାଳ ମଧ୍ୟରୁ ଗୋଟିକରେ ମୋତେ ମଧ୍ୟ ସେହି ଶେଷ ନଗରଦ୍ୱାରକୁ ଆସିବାକୁ ପଡିବ। ଆପଣଙ୍କୁ ସେହି ଯର୍ଦ୍ଦନ ନଦୀ ନିକଟକୁ ଆସିବାକୁ ପଡିବ, ମାତ୍ର ଅବ୍ରହାମଙ୍କ ବଂଶ ସେହି ନଗରଦ୍ୱାରକୁ ଅଧିକାର କରି ପକାଇବ। ଏହା ଯାହା ହେଉ ନା କାହିଁକି, ସେ ପ୍ରତ୍ୟେକ ଶତ୍ରୁର ନଗରଦ୍ୱାରକୁ ଅଧିକାର କରି ପକାଇବ।

45 ସେହି ସମସ୍ତ ବ୍ୟକ୍ତିମାନେ ମହାନ ବ୍ୟକ୍ତି ଥିଲେ। ସେମାନେ ସେହି ବିଶ୍ୱାସ ଭୂମିରେ ମୃତ୍ୟୁବରଣ କରିଥିଲେ। ମାତ୍ର, ଅବଶେଷରେ, ଦିନେ ଯିହୂଦାର ବେଥଲିହିମରେ, ସେହି ରାଜକୀୟ ବଂଶ ଜନ୍ମଗ୍ରହଣ କଲେ। ଯାହାରକି, ବାକି ସମସ୍ତେ କେବଳ ଛାୟା ମାତ୍ର ଥିଲେ। ସେହି ରାଜକୀୟ ବଂଶ ଜନ୍ମଗ୍ରହଣ କଲେ, କୌଣସି ମନୁଷ୍ୟଠାରୁ ନୁହେଁ। ମାତ୍ର ମୃତ୍ୟୁ ଏବଂ ନରକକୁ ଜୟଯୁକ୍ତ କରିବା ପାଇଁ, ସେ କୁମାରୀ ଦ୍ୱାରା, ଆପଣା ଶିରାରେ ଶକ୍ତି ସହିତ ଜନ୍ମଗ୍ରହଣ କରିଥିଲେ। ପରମେଶ୍ୱର ଏକ ପ୍ରତିଜ୍ଞା କରିଥିଲେ। ଜଣେ ସାଧାରଣ ବ୍ୟକ୍ତି ଏହା କରିପାରିବେ ନାହିଁ। ମାତ୍ର ଯଦି ପରମେଶ୍ୱର ଏକ ପ୍ରତିଜ୍ଞା କରିଛନ୍ତି, ସେ ଠିକ ସେହି ସମାନ ପରମେଶ୍ୱର ହିଁ ଅଟନ୍ତି ଯାହାକି ସେ ଅବ୍ରହାମଙ୍କ ସହିତ, କିଛି ମିନିଟ୍ ପୂର୍ବରୁ ଥିଲେ, ଯିହୋବା-ଯିରୀ ଭାବରେ, ପ୍ରଭୁ ସେହି ନଗରଦ୍ୱାରକୁ ଅଧିକାର କରିବା ପାଇଁ ବାଟ ଯୋଗାଇବେ। ଆମେମାନେ ଏହା କିପରି କରିବାକୁ ଯାଉଅଛୁ? ଯିହୋଶୂୟ ମୃତ୍ୟୁବରଣ କଲେ। ମୋଶା ମୃତ୍ୟୁବରଣ କଲେ। ବାକି ସମସ୍ତେ ମୃତ୍ୟୁବରଣ କଲେ। ମାତ୍ର ପରମେଶ୍ୱର କହିଲେ, “ସେ ଆପଣା ଶତ୍ରୁଗଣର ନଗରଦ୍ୱାରକୁ ଅଧିକାର କରିବ।” ସେ କିପରି ମୃତ୍ୟୁକୁ ଅଧିକାର କରିବାକୁ ଯାଉଛନ୍ତି? ତାଙ୍କ ପାଖରେ ବିଷୟଗୁଡିକୁ କରିବାର ଏକ ଉପାୟ ରହିଛି। “ସେ ଆପଣା ଶତ୍ରୁଗଣର ନଗରଦ୍ୱାରକୁ ଅଧିକାର କରିବ।”

46 ସେହି ରାଜକୀୟ ବଂଶ ଜନ୍ମଗ୍ରହଣ କଲେ। ସେ ଆମ ପରି ପ୍ରତ୍ୟେକ ପ୍ରକାରେ ପ୍ରଲୋଭିତ କରାଗଲେ। ଠିକ ଯେପରି ଆପଣଙ୍କୁ ପ୍ରଲୋଭିତ କରାଯିବାକୁ ପଡିଥାଏ, ସେ ମଧ୍ୟ କରା ଯାଇଥିଲେ। ଯେତେବେଳେ ସେ ପବିତ୍ରଆତ୍ମା ପ୍ରାପ୍ତ କଲେ, ସେତେବେଳେ ଶୟତାନ ତାଙ୍କୁ, ପରୀକ୍ଷିତ କରିବା ନିମନ୍ତେ, ଶୀଘ୍ର ହିଁ ପ୍ରାନ୍ତରକୁ ଚାଳିଶ ଦିନ ଓ ରାତି ପାଇଁ ନେଇଗଲା। ଏବଂ ଯେତେବେଳେ ସେ ବାହାରକୁ ଆସିଲେ...ଏବଂ ତାହାଙ୍କ ମୃତ୍ୟୁ ସମୟରେ, ସେମାନେ ତାହାଙ୍କ ହାତରେ କଣ୍ଟା ପିଟିଥିଲେ, ଏବଂ ତାହାଙ୍କ ମୁହଁରେ ଛେପ ପକାଇଥିଲେ। ସେ ପ୍ରତ୍ୟେକ ରୋଗ ଦେଇଗତି କରିଥିଲେ। ମାତ୍ର ଯେତେବେଳେ ସେ ଏଠାରେ ପୃଥିବୀପୃଷ୍ଠରେ ଥିଲେ, ସେ ଏହା ପ୍ରମାଣ କଲେ ଯେ ସେ ରୋଗକୁ ଜୟଯୁକ୍ତ କରିପାରନ୍ତି। ଯେତେବେଳେ ପିତରଙ୍କ ପତ୍ନୀଙ୍କ ମାଆ ପକ୍ଷାଘାତ ଯୋଗୁଁ, ଅସୁସ୍ଥ ହୋଇ ପଡ଼ିଥିଲେ, ସେତେବେଳେ ସେ ତାହାଙ୍କର ହାତକୁ ଛୁଇଁଥିଲେ ଏବଂ ଜ୍ୱର ତାଙ୍କୁ ଛାଡି ଚାଲି

ଯାଇଥିଲା । ଯେତେବେଳେ ସେହି କୁଷ୍ଠରୋଗୀ ଫାଟକ ନିକଟରେ ଚିତ୍କାର କରିଥିଲା, "ଅଶୂଚୀ! ଅଶୂଚୀ! ଯଦି ତୁମେ ଚାହଁ, ତୁମେ ମୋତେ ସୁସ୍ଥ କରି ପାର ।"

47 ସେ କହିଲେ, "ମୁଁ ଇଚ୍ଛା କରେ । ସମ୍ପୂର୍ଣ୍ଣ ସୁସ୍ଥ ହୁଅ ।" ସେ ଜୟଯୁକ୍ତ ହେଲେ ଏବଂ କୁଷ୍ଠରୋଗର ନଗରଦ୍ୱାରକୁ ଅଧିକାର କଲେ । ସେ ଜ୍ୱରର ନଗରଦ୍ୱାରଗୁଡିକୁ ଅଧିକାର କରି ନେଲେ ।

ସେ ପ୍ରତ୍ୟେକ ପ୍ରକୃତିକୁ ତାହାଙ୍କର ପ୍ରତି ଆଜ୍ଞାବହ କରାଇଲେ । ସେ ଅବ୍ରହାମଙ୍କ ବଂଶ, ସେହି ରାଜକୀୟ ବଂଶ ଥିଲେ, ଯାହାଙ୍କୁ ପ୍ରତିଜ୍ଞା ଦିଆଯାଇଥିଲା; ତାହାଙ୍କୁ, ଅବ୍ରହାମଙ୍କୁ ଏବଂ ତାଙ୍କ ପରେ ଆସୁଥିବା ସମସ୍ତ ବଂଶକୁ, ଠିକ ରାଜକୀୟ ବଂଶ ପର୍ଯ୍ୟନ୍ତ, ଆଉ ତାହାଙ୍କ ପରେ ସମସ୍ତ ବଂଶକୁ । ପରମେଶ୍ୱରଙ୍କ ପ୍ରତିଜ୍ଞା ସତ୍ୟ ଅଟେ । ସେ ରୋଗକୁ ଜୟଯୁକ୍ତ କଲେ ।

ସେ ପ୍ରଲୋଭନକୁ ଜୟପକାଇ କଲେ । ଯେତେବେଳେ ଶତ୍ରୁ ତାଙ୍କ ମୁହଁରେ ଛେପ ପକାଇଲା, ତାହାଙ୍କ ଗାଲରେ ଚାପୁଡା ମାଇଲା, ସେ ଅନ୍ୟ ପାର୍ଶ୍ୱକୁ ଦେଖାଇ ଦେଲେ । ଯେତେବେଳେ ସେମାନେ ତାହାଙ୍କ ମୁହଁରୁ ଦାଢୀକୁ ଟାଣିଲେ ଏବଂ ତାହାଙ୍କ ଉପରେ ଛେପ ପକାଇଲେ, ସେ ବୁଲି ପଡ଼ି କେବେ ବି ପ୍ରତ୍ୟୁତ୍ତରରେ କ୍ରୋଧ କଲେ ନାହିଁ । ସେ ପ୍ରଲୋଭନର ନଗରଦ୍ୱାରକୁ ଜୟଯୁକ୍ତ କରି ଏହାକୁ ଅଧିକାର କରି ନେଲେ ।

48 ତେବେ ଆପଣମାନେ କହିଥାନ୍ତି, "ମୋର କ୍ରୋଧ ମୋତେ ଏହା କରିବାକୁ ଦିଏ ନାହିଁ ।" ଆପଣ, ଅବ୍ରହାମଙ୍କ ବଂଶ, ହଁ, ଆଜ୍ଞା, ସେ ଏହାକୁ ଆପଣଙ୍କ ପାଇଁ ଜୟଯୁକ୍ତ କରିଛନ୍ତି ।

49 ଯେତେବେଳେ ତାହାଙ୍କୁ ଉପହାସ କରାଗଲା, ସେ ପଛକୁ ଫେରି କ୍ରୋଧ କଲେ ନାହିଁ । ଯେତେବେଳେ ତାହାଙ୍କୁ ଥଟ୍ଟା ପରିହାସ କରାଗଲା, ସେ ଚୁପ୍ ରହିଲେ । ଯେତେବେଳେ ତାହାଙ୍କୁ ଶୟତାନ ବୋଲି କୁହାଗଲା, ସେ ନୀରବ ରହିଲେ । ତାହାଙ୍କର ଗୋଟିଏ କାମ ଥିଲା, ଏବଂ ତାହା ହେଉଛି ପିତାଙ୍କ କାର୍ଯ୍ୟ, ଏବଂ ସେ ତାହା କରି ଚାଲିଲେ । ତାହାପରେ, ଶେଷରେ, ସେମାନେ ତାହାଙ୍କୁ କ୍ରୁଶକୁ ନେଇଗଲେ । ମୃତ୍ୟୁକୁ ତାହାଙ୍କର ସମ୍ମୁଖିନ ହେବାକୁ ଥିଲା । ଅବଶିଷ୍ଟ ସମସ୍ତେ ସମୁଦ୍ର ଉପରେ ଜୟପ୍ରାପ୍ତ କରିଥିଲେ, ଏବଂ ସେମାନେ ପ୍ରକୃତି ଉପରେ ଜୟଯୁକ୍ତ ହୋଇଥିଲେ, ଏବଂ ସେମାନେ ସିଂହମାନଙ୍କ ଉପରେ ଜୟପ୍ରାପ୍ତ ହୋଇଥିଲେ, ପୁଣି ସେମାନେ ନିଆଁ ଉପରେ ଜୟଯୁକ୍ତ ହୋଇଥିଲେ । ସେମାନେ ମୃତ୍ୟୁ ବ୍ୟତୀତ ସବୁକିଛି ଉପରେ ଜୟପ୍ରାପ୍ତ ହୋଇଥିଲେ । ମାତ୍ର ଏଠାରେ ଜଣେ ଥିଲେ, ତାହାଙ୍କ ଶିରାରେ ସେଠାରେ, ମୃତ୍ୟୁ ଉପରେ ଜୟ କରିବାର ଶକ୍ତି, ପ୍ରବାହିତ ହେଉଥିଲା । ତେଣୁକରି ସେମାନେ ତାହାଙ୍କ ହାତକୁ ଧରି ତାହାଙ୍କୁ ବିସ୍ତାର କଲେ ଏବଂ ତାହାଙ୍କୁ ଏକ କ୍ରୁଶରେ କଣ୍ଟା ପିଟିଦେଲେ । ସେମାନେ ତାହାଙ୍କୁ ମାରିଲେ ଏବଂ ତାହାଙ୍କୁ ଏତେ ଘାତ କଲେ ଯେ ଏପରିକି ତାଙ୍କ ହାଡ଼ଗୁଡିକୁ ଦିଶୁଥିଲା । କିନ୍ତୁ ଯେତେବେଳେ ସେମାନେ ତାହା କଲେ, ଏବଂ ସେମାନେ ତାହା ସବୁକିଛି କଲେ ଯାହା ସେମାନେ ପାରିଥିଲେ, ମୃତ୍ୟୁ ତାହାଙ୍କୁ ଆଘାତ କଲା, କହିଲା, "ବର୍ତ୍ତମାନ ମୁଁ ତୋତେ ସେହିପରି ଭାବରେ ନେବି ଯେପରି ମୁଁ ଯିହୋଶୂୟଙ୍କୁ ନେଇଥିଲି । ମୁଁ ତୋତେ ସେହିପରି

ଭାବରେ ନେବି ଯେପରି ମୁଁ ଦାନିୟେଲକୁ ନେଇଥିଲି । ଏବଂ ମୁଁ ଏହା ସବୁ କରିବି, କାରଣ ମୁଁ ତୋତେ ମାରି ପକାଇବି ।"

50 ଏବଂ ସେ ମୃତ୍ୟୁବରଣ କଲେ ଏପରିକି ସୂର୍ଯ୍ୟ ନିଜେ ଲଜ୍ଜିତ ହୋଇଗଲା । ସେ ଏପରି ଭାବରେ ମୃତ୍ୟୁବରଣ କଲେ ଏପରିକି ପ୍ରକୃତି ସୁଦ୍ଧା ଲଜ୍ଜିତ ହୋଇଗଲା ଏବଂ ଏହା କାର୍ଯ୍ୟ କରିବାରେ ବିଫଳ ହେଲା । ଦିନର ମଧ୍ୟଭାଗରେ ସୂର୍ଯ୍ୟ ଅସ୍ତ ହୋଇଗଲା । ତାରାମାନେ ଆଲୋକ ପ୍ରଦାନ କଲେ ନାହିଁ । ସେ ଏହିପରି ଭାବରେ ମୃତ୍ୟୁବରଣ କଲେ ଏପରିକି ଉପାଦାନଗୁଡିକ ଏତେ ଅନ୍ଧକାରଛନ୍ନ ହୋଇଗଲା ଯେ ଆପଣ ଦିନର ମଧ୍ୟଭାଗରେ ସୁଦ୍ଧା, ନିଜ ସମ୍ମୁଖରେ ନିଜର ହାତକୁ ଦେଖିପାରି ନ ଥିଲେ । ମୁଁ କଳ୍ପନା କରି ପାରୁଛି ଯେ ପ୍ରକୃତି କହିଥିବ, "ମୋତେ ତାହାଙ୍କ ସହିତ ମରି ଯିବାକୁ ଦିଅ ।"

51 ଭାଇ! ତାହାପରେ ଶୟତାନ ତାହାଙ୍କର ବହୁମୂଲ୍ୟ ପ୍ରାଣକୁ ନରକର ତଳହୀନ ଗର୍ତ୍ତକୁ ପଠାଇ ଦେଲା । ସେଠାରେ ଫାଟକଗୁଡିକ ଖୋଲିଲା, ମାତ୍ର ସେ ତୃତୀୟ ଦିନ, ଜୟଯୁକ୍ତ ହୋଇ ବାହାରି ଆସିଲେ । ଆମେନ୍ । "ତାଙ୍କର ବଂଶ ଶତ୍ରୁଗଣର ନଗରଦ୍ୱାରକୁ ଅଧିକାର କରିବ ।" ମୃତ୍ୟୁ ଉପରେ ଜୟଯୁକ୍ତ ହେଲେ! ସେ ନରକ ଉପରେ ଜୟଯୁକ୍ତ ହେଲେ । ସେହି ପ୍ରଥମ ଇଷ୍ଟର ସକାଳରେ, ସେ କବର ଉପରେ ଜୟଯୁକ୍ତ ହେଲେ । ବର୍ତ୍ତମାନ, ଆମେ ତାହାଙ୍କ ଦେଇ ଯିଏକି ଆମକୁ ପ୍ରେମ କରନ୍ତି, ବିଜୟୀମାନଙ୍କ ଅପେକ୍ଷା ଅଧିକ ଭାବେ ଛିଡା ହୋଇଅଛୁ ।

52 ପେଣ୍ଟିକଷ୍ଟ ଦିନରେ ସେ ପବିତ୍ରଆତ୍ମାଙ୍କୁ ତଳକୁ ପ୍ରେରଣ କଲେ, ଯେପରିକି ସେହି କାର୍ଯ୍ୟ, ବିଜାତୀମାନଙ୍କ ଜରିଆରେ ଅବ୍ୟାହତ ରୁହେ, ଯେ ଏକ ପ୍ରତିଜ୍ଞାତ ବୀଜକୁ ବାହାର କରାଯାଏ । ସେହି ବିଜାତୀମାନଙ୍କୁ, ଦୂର-ବର୍ତ୍ତୀ ଥିବା ସେମାନଙ୍କୁ ଦେବା ନିମନ୍ତେ, ସେମାନଙ୍କୁ ପବିତ୍ରଆତ୍ମାଙ୍କ ବାପ୍ତିସ୍ମ ଦେବା ନିମନ୍ତେ, ସେମାନଙ୍କୁ ପ୍ରତିଜ୍ଞା ଭିତରକୁ ଆଣିବା ନିମନ୍ତେ । ବର୍ତ୍ତମାନ ଆମ ପାଖରେ ସମସ୍ତ ରୋଗ ଉପରେ ଜୟପ୍ରାପ୍ତ କରିବାର ଏକ ଅଧିକାର ଅଛି । ଆମକୁ ଏହାକୁ ଜୟଯୁକ୍ତ କରିବାକୁ ପଡିବ ନାହିଁ; ଏହା ତ ଆଗରୁ ଜୟଯୁକ୍ତ ହୋଇସାରିଛି । ଆମକୁ କେବଳ ସେହି ପ୍ରତିଜ୍ଞାକୁ ଦାବି କରିବାକୁ ପଡିବ ଏବଂ ଏହାକୁ ଯାଇ ଗ୍ରହଣ କରିବାକୁ ପଡିବ । ଏହା ତ ଆଗରୁ ଜୟଯୁକ୍ତ ହୋଇ ସାରିଛି । ମୃତ୍ୟୁ ଜୟଯୁକ୍ତ କରାଯାଇଅଛି । ନରକ ଜୟଯୁକ୍ତ କରାଯାଇଅଛି । ଅସୁସ୍ଥତା ଜୟଯୁକ୍ତ କରାଯାଇଅଛି । ପ୍ରଲୋଭନ ଜୟଯୁକ୍ତ କରାଯାଇଅଛି । ସମସ୍ତ ମନ୍ଦାତ୍ମାଗୁଡିକ ଜୟଯୁକ୍ତ କରାଯାଇଅଛି । ନରକ ଜୟଯୁକ୍ତ କରାଯାଇଅଛି । ମୃତ୍ୟୁ ଜୟଯୁକ୍ତ କରାଯାଇଅଛି । କବର ଜୟଯୁକ୍ତ କରାଯାଇଅଛି । ଆମେ ଫାଟକରେ ଛିଡା ହୋଇ, ଏହାକୁ ଅଧିକାର କରୁ, ଗୋଟିଏ ହେଲେ ଗୁଳି ଫୁଟାଇବାର ଆବଶ୍ୟକତା ନାହିଁ । ଏହାର ତ ପୂର୍ବରୁ ମୂଲ୍ୟ ଦିଆ ଯାଇସାରିଛି ।

53 ତାଙ୍କ ଶତ୍ରୁ, ସେ ଆପଣା ଶତ୍ରୁର ନଗରଦ୍ୱାରକୁ ଅଧିକାର କରିବେ । କେତୋଟି? ସହସ୍ର ସହସ୍ର; ସେ ତାଙ୍କ ଶତ୍ରୁ, ପ୍ରତ୍ୟେକ ଶତ୍ରୁର ନଗରଦ୍ୱାରକୁ ଅଧିକାର କରିବେ । ସେ ମୃତ୍ୟୁରୁ

ପୁନରୁତ୍‌ଥିତ ହେଲେ । ଆମେ ଏହାକୁ ଅଧିକାର କରୁ କାରଣ ସେ ଏହାକୁ ଆମକୁ ପ୍ରଦାନ କରିଥିଲେ । ତାହା ସବୁ ବ୍ୟତୀତ, ଏହା ଏକ ମାଗଣା ଉପହାର ଅଟେ, ଏବଂ ସବୁକିଛି ଯାହା ସେ କରିଛନ୍ତି, ଏବଂ ପ୍ରତ୍ୟେକ ନଗରଦ୍ୱାରକୁ ଜୟଯୁକ୍ତ କରିଛନ୍ତି । ସେ ଅସୁସ୍ଥତାକୁ ଜୟଯୁକ୍ତ କରି, ସେହି ନଗରଦ୍ୱାରକୁ ଅଧିକାର କରିଥିଲେ । ଆମକୁ କେବଳ ଗୋଟିଏ ବିଷୟ କରିବାକୁ ଅଛି ତାହା ହେଲା ନଗରଦ୍ୱାର ନିକଟକୁ ଯାଇ, କହିବା, "ସେହି ଜୟଯୁକ୍ତକାରୀ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ!" ଆମେନ୍ ।

54 ଯେତେବେଳେ ଏହା ମରିବାର ସମୟ ଆସେ, ଏବଂ ମୃତ୍ୟୁ କୁହେ, "ଦେଖ ମୁଁ କିପରି ତାକୁ ତାର ଧର୍ମକୁ ଫେରାଇ ନେବା ପାଇଁ ବାଧ୍ୟ କରାଏ ।"

55 "ନାଜରିତୀୟ ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ହେ ଯର୍ଦ୍ଦନ, ପଛକୁ ଘୁଞ୍ଚି ଯା!" ଅବ୍ରହାମଙ୍କ ବଂଶ ନଗର୍ଦ୍ୱାରକୁ ଅଧିକାର କରେ ।

56 କାହିଁକି, ପାଉଲ କହିଥିଲେ, ଯେତେବେଳେ ସେମାନେ ତାଙ୍କ ମୁଣ୍ଡ କାଟ କରିବାକୁ ପ୍ରସ୍ତୁତ ହେଉଥିଲେ, ଅବ୍ରହାମଙ୍କର ଏକ ବଂଶ, ସେ କହିଲେ, "ରେ ମୃତ୍ୟୁ, କାହିଁ ତୋର ନାହୁଡ? ରେ କବର, କାହିଁ ତୋର ଜୟ? ପରମେଶ୍ୱରଙ୍କ ଧନ୍ୟବାଦ ହେଉ ଯିଏକି ଆମକୁ ଯୀଶୁ ଖ୍ରୀଷ୍ଟଙ୍କ ଜରିଆରେ ବିଜୟ ପ୍ରଦାନ କରିଛନ୍ତି ।"

57 ସେ ଆପଣା ଶତ୍ରୁଗଣର ନଗରଦ୍ୱାରକୁ ଅଧିକାର କରିବ, ଏହାକୁ କବଳରେ କରି ନେବ । ତେବେ, ସେ ନଗରଦ୍ୱାରରେ ପରାସ୍ତ ହେବ ନାହିଁ । ସେ ଏହାକୁ ଜୟଯୁକ୍ତ କରି ଅଧିକାର କରି ନେବ । ସେ ଏହାକୁ ଅଧିକାର କରିବ । ତାହା ତାଙ୍କର ନିଜ ଶକ୍ତିରେ ଅଛି ।

58 ଜୀବନ୍ତ ପରମେଶ୍ୱରଙ୍କ ମଣ୍ଡଳୀରେ, ଆଜି ସକାଳେ, ସମସ୍ତ ରୋଗକୁ ସୁସ୍ଥ କରିବାର ଶକ୍ତି ରହିଛି । ଜୀବନ୍ତ ପରମେଶ୍ୱରଙ୍କ ମଣ୍ଡଳୀରେ ସମସ୍ତ ପ୍ରଲୋଭନକୁ ଜୟଯୁକ୍ତ ହେବାର ଶକ୍ତି ରହିଅଛି । ଆଜି ସକାଳେ, ଜୀବନ୍ତ ପରମେଶ୍ୱରଙ୍କ ମଣ୍ଡଳୀର ଅଧିକାରରେ, ପାପକୁ ଶୃଙ୍ଖଳାରେ ବାନ୍ଧି ତାକୁ ଫିଙ୍ଗିବାର, ଏବଂ ଯୀଶୁ ଖ୍ରୀଷ୍ଟଙ୍କ ମଣ୍ଡଳୀରେ, ପବିତ୍ରଆତ୍ମାଙ୍କ ବାପ୍ତିସ୍ମକୁ ଗ୍ରହଣ କରିବାର ଶକ୍ତି ରହିଛି ।

"ତୁମେ ଯାହାକିଛି ଇଚ୍ଛା କର, ମୋ ନାମରେ ମାଗ, ଏବଂ ତାହା ତୁମକୁ ଦିଆଯିବ । ଅଳ୍ପ ସମୟ, ଏବଂ ଜଗତ (ସେହି ଅଣ-ବଂଶ, ଅନୂତନୀକୃତ ବଂଶ) ମୋତେ ଆଉ ଦେଖିବ ନାହିଁ । ତଥାପି ତୁମେ ମୋତେ ଦେଖିବ, କାରଣ ମୁଁ ତୁମ ସହିତରେ ରହିବି, ଏପରିକି ଜଗତର ଶେଷ ଯାଏଁ ତୁମ ଅନ୍ତରରେ ରହିବି ।" କଅଣ? ସେହି ରାଜକୀୟ ବଂଶ । "ଯେଉଁ କାର୍ଯ୍ୟଗୁଡ଼ିକ ମୁଁ କରୁଅଛି, ତୁମେ ମଧ୍ୟ ତାହା କରିବ । ମୁଁ ନିଜକୁ ପ୍ରମାଣିତ କରାଇବି ଯେ ମୁଁ ତୁମ ସହିତରେ ଅଛି, କାରଣ ଏହି ଚିହ୍ନଗୁଡିକ ବିଶ୍ୱାସ କରୁଥିବା ଲୋକମାନଙ୍କର ଅନୁକାରୀ ହେବ ।"

ସେ ଆପଣା ଶତ୍ରୁର ବଂଶକୁ ଅଧିକାର କରିବ । ସେ ଅଧିକାର କରିବ । ତାଙ୍କର ବଂଶ ଆପଣା ଶତ୍ରୁଗଣର ନଗରଦ୍ୱାରକୁ ଅଧିକାର କରିବ, ଯାଏ ଆସେ ନାହିଁ ଯେ ସେହି ନଗରଦ୍ୱାରଟି କଅଣ ଅଟେ । ଯଦି ଏହା ଅସୁସ୍ଥତା, ପ୍ରଲୋଭନ, ପାପ, ଏହା ଯାହାକିଛି ବି

ନଗରଦ୍ୱାର ହୋଇଥାଉ ନା କାହିଁକି, ତାହା ଜୟଯୁକ୍ତ କରାଯାଇଅଛି । ଏବଂ ଅବ୍ରହାମଙ୍କ ବଂଶ ଏହାକୁ ଅଧିକାର କରେ ।

59 ଆଜି ସକାଳେ, କଅଣ ଆପଣମାନେ ଖୁସି ନୁହଁନ୍ତି ଯେ, ଏହା ଜାଣିବା ହେତୁ ଯେ ଆମେମାନେ ବର୍ତ୍ତମାନ ଜଣେ ବିଜେତାଠାରୁ ମଧ୍ୟ ଅଧିକ ଭାବେ ଛିଡା ହୋଇଅଛୁ? ଜଣେ ବିଜେତାଠାରୁ ଅଧିକ! ଓଃ, ସେଠାରେ ଯୁଦ୍ଧ କରିବା ପାଇଁ କିଛି ହେଲେ ନାହିଁ । ଯୁଦ୍ଧ ଶେଷ ହୋଇଯାଇଛି । ସିଟି ବାଜି ସାରିଛି । ପତାକା ଉଠି ଯାଇଛି । ଏବଂ ପ୍ରତ୍ୟେକ ପାପ ଗଦା ମଧ୍ୟରେ, ପ୍ରତ୍ୟେକ ଅସୁସ୍ଥ କୋଠରୀ ମଧ୍ୟରେ, ସେହି ପୁରାତନ କ୍ଷତ ବିକ୍ଷତ କ୍ରୁଶ ରହିଅଛି, ସେହି ବିଜେତା, ଯୀଶୁ ଖ୍ରୀଷ୍ଟଙ୍କ ରକ୍ତ ଦ୍ୱାରା ରୋପଣ କରାଯାଇଛି । କେବଳ ଗୋଟିଏ ବିଷୟ ଆମେମାନେ କରୁ ତାହା ହେଉଛି ବିଶ୍ୱାସ କରିବା, ଦେଖିବା ଏବଂ ବଞ୍ଚି ରହିବା ।

"ମୁଁ ତୁମ ସହିତରେ ରହିବି । ମୁଁ ପ୍ରମାଣ କରିବି । ଲୋକମାନେ ଶେଷ ଦିନରେ ଆସି, କହିବେ, 'ଓଃ, ତେବେ, ତାହା *ଥିଲା* ।' ମାତ୍ର ମୁଁ ତୁମ ସହିତରେ ରହିବି । ଏବଂ ଠିକ ସେହି ବିଷୟସବୁ, ଯାହା ମୁଁ ଏଠାରେ ପୃଥିବୀପୃଷ୍ଠରେ କରିଥିଲି, ସେହି ସମାନ ବିଷୟସବୁ, ମୁଁ ତୁମ ଭିତରେ ରହି ସାଧନ କରିବି । ତାହାପରେ ସେମାନେ ଜାଣିବେ । ସେମାନେ ମୋତେ ଦେଖିବେ । ସେହି...ମୋର ଲୋକମାନେ ମୋତେ ଦେଖିବେ । ଅବ୍ରହାମଙ୍କ ବଂଶ ମୋତେ ଦେଖିବ । ସେମାନେ ମୋତେ ଜାଣିବେ । ସେମାନେ ମୋତେ ଚିହ୍ନିବେ । ଅନ୍ୟମାନେ ମୋତେ, 'ବାଆଲଯିବୂଲ' ବୋଲି ଡାକିବେ, ଠିକ୍ ଯେପରି ସେମାନେ କରିଅଛନ୍ତି । କିନ୍ତୁ ତୁମେ ମୋତେ ଜାଣିବ, କାରଣ ମୁଁ ତୁମ ସହିତରେ ରହିବି । ତୁମେ ମୋତେ ଦେଖିବ, ନିଜ ଆଖିରେ ଦେଖିବ । ତୁମେ ମୋତେ ଦେଖିବ, କାରଣ ମୁଁ ତୁମ ସହିତରେ ରହିବି, ଏପରିକି ଜଗତର ଶେଷ ଯାଏଁ, ଠିକ ସେହି ସମାନ ବିଷୟଗୁଡିକ ମୁଁ ସାଧନ କରିବି । ଯିଏ ମୋ ଠାରେ ବିଶ୍ୱାସ କରେ, ଯେଉଁ କାର୍ଯ୍ୟଗୁଡ଼ିକ ମୁଁ କରେ ସେ ମଧ୍ୟ, ସେହି ସମାନ ପ୍ରକାରର କାର୍ଯ୍ୟ କରିବେ ।"

60 ଏବଂ, ଆଜି, ଜୀବନ୍ତ ପରମେଶ୍ୱରଙ୍କ ମଣ୍ଡଳୀ ସେଠାରେ ଛିଡା ହୋଇ ସେହି ବିଜେତା, ପୁନରୁତ୍ଥିତ ଯୀଶୁ ଖ୍ରୀଷ୍ଟଙ୍କୁ, ଜୀବନ୍ତ ପରମେଶ୍ୱରଙ୍କ ସେହି ପୁତ୍ରଙ୍କୁ ଦେଖିବାର ସୌଭାଗ୍ୟ ପାଇଅଛି, ଯିଏକି ସେଠାରେ ଛିଡା ହୋଇ, ଆପଣା ମଣ୍ଡଳୀରେ ବାସ କରନ୍ତି, ଏବଂ ଠିକ ସେହି ସମାନ କାର୍ଯ୍ୟଗୁଡିକୁ ସାଧନ କରନ୍ତି ଯାହା ସେ ସେହି ସମୟରେ କରିଥିଲେ । ତାହାପରେ ଆମେ ପ୍ରତ୍ୟେକ ଶତ୍ରୁର ନଗରଦ୍ୱାରକୁ ଅଧିକାର କରିଥାଉ ।

61 ଯଦି ଆଜି ସକାଳେ ଆପଣଙ୍କର କେହି ଶତ୍ରୁ ଅଛି, ତେବେ, ମୋ ଭାଇ, ସେଠାରେ କେବଳ ଜଣେ ଅଛନ୍ତି, ଯଦି ଆପଣ ଅବ୍ରହାମଙ୍କର ଏକ ବଂଶ ଅଟନ୍ତି, ତାହାହେଲେ ଏହା ଶୁଣିବା ପରେ, ସେଠାରେ ନରକରେ ଯଥେଷ୍ଟ ଶୟତାନ ନାହିଁ ଯାହାକି ଆପଣଙ୍କ ସମ୍ମୁଖରେ ସେହି ନଗରଦ୍ୱାରକୁ ରଖିପାରେ । ଏହା ଖୋଲି ଯିବ । ମୋର କିଛି ଫରକ୍ ପଡେ ନାହିଁ ଯେ ଏହା କଅଣ ଅଟେ । ଆପଣ ସେଠାରେ ଜଣେ ପ୍ରତିଜ୍ଞାତ ବଂଶ ପରି ଚାଲିକରି ଯାଆନ୍ତୁ, କୁହନ୍ତୁ, "ମୁଁ ଏହାକୁ ମୋର ନିଜ ପାଇଁ ଦାବି କରୁଛି । ଏହା ମୋର ଅଟେ, କାରଣ ପରମେଶ୍ୱର ଶପଥ

କରିଥିଲେ ଯେ ସେ ଯୀଶୁଙ୍କୁ ପୁନରୁତ୍ଥିତ କରିବେ, ଏବଂ, ଯୀଶୁଙ୍କ ମାଧ୍ୟମରେ, ମୁଁ ଏହାକୁ ଜୟପ୍ରାପ୍ତ ହେବି । ମୁଁ ସେହି ବିଜେତା, ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଆସୁଅଛି । ପଛକୁ ଘୁଞ୍ଚି ଯାଅ । ମୁଁ ଅତିକ୍ରମ କରି ଯାଉଅଛି ।" ଆମେନ୍ । "ସେ ଶତ୍ରୁର ନଗରଦ୍ୱାରକୁ ଅଧିକାର କରିବ ।" ତାହାପରେ ସେଠାରେ, ନିଜର କାନ୍ଧକୁ ପଛକୁ କରି ଓ ଆପଣା କବଚକୁ ଝଲସାଇ, ପ୍ରଭୁ ଯୀଶୁଙ୍କ ରକ୍ତ ଦ୍ୱାରା ଆଚ୍ଛାଦିତ ହୋଇ ଛିଡା ହୁଅନ୍ତୁ । ଶତ୍ରୁ ଏହାକୁ ଚିହ୍ନି ପକାଇବ ।

62 ଯଦି ଆପଣମାନଙ୍କର କିଛି ପ୍ରୟୋଜନ ଅଛି, ତେବେ ତାହାଙ୍କ ସହିତ ବର୍ତ୍ତମାନ କଥାବାର୍ତ୍ତା କରନ୍ତୁ ଯେତେବେଳେକି ଆମେମାନେ ପ୍ରାର୍ଥନା କରୁଅଛୁ, ଆପଣମାନେ ଏଠାରେ, ଆଜି ସକାଳେ, ଯେତେବେଳେକି ଆପଣମାନେ ନିଜର ମସ୍ତକ ନତ କରିଥାନ୍ତି । ଏବଂ ଯଦି ଆପଣମାନଙ୍କର କିଛି ଏକ ପ୍ରୟୋଜନ ଅଛି, ତାହାହେଲେ କଅଣ ଆପଣମାନେ କେବଳ ନିଜ ହାତକୁ ଯୀଶୁଙ୍କ ଆଡକୁ ଉଠାଇବେ କି? ଏବଂ ନିଜ ହୃଦୟରେ, ନିଜ ହୃଦୟରେ କେବଳ ଏହା କହିବେ କି, ଏବଂ କହିବେ, "ପ୍ରଭୁ, ତୁମେ ମୋର ପ୍ରୟୋଜନ ଜାଣିଛ । ବର୍ତ୍ତମାନ, ଆଜି ସକାଳେ, ମୁଁ ଶୁଣିଛି, ଏବଂ ତାହା ହେଉଛି ବାଇବଲ ଯେ, 'ସେ ଶତ୍ରୁର ନଗରଦ୍ୱାରକୁ ଅଧିକାର କରିବ ।' ମୁଁ ନଗରଦ୍ୱାର ଅଧିକାର କରିବାକୁ ଆସୁଅଛି । ବୋଧହୁଏ ମୋର କ୍ରୋଧ ଅଛି । ବୋଧହୁଏ ମୋତେ ପବିତ୍ରଆତ୍ମା ଦରକାର ଅଛି । ପାପ ମୋତେ ବାନ୍ଧି ରଖିଛି । ମୋର ପ୍ରୟୋଜନ ରହିଛି । ମାତ୍ର ମୁଁ ବର୍ତ୍ତମାନ ନଗରଦ୍ୱାରକୁ ଆସୁଅଛି । ମୁଁ ଆଜି ସକାଳେ, ଏହାକୁ, ମୋର ନଗରଦ୍ୱାରକୁ ଅଧିକାର କରିବାକୁ ଯାଉଅଛି । ତେଣୁ, ବାଟ ଦିଅ, ମୁଁ ଆସୁଅଛି ।"

63 ହେ ଆଶୀଷିତ ପ୍ରଭୁ, ତୁମେ ଏହି ସମସ୍ତ ହାତଗୁଡିକୁ ଦେଖିଛ । ଏବଂ ତୁମେ ଜାଣ ଯେ ଏହା ତୁମର ବାକ୍ୟ ଅଟେ, ପ୍ରଭୁ । ମୁଁ ତ କେବଳ ଏହାକୁ ଉଦ୍ଧୃତ କରିଅଛି, ଏବଂ ଶାସ୍ତ୍ର ମାଧ୍ୟମରେ ଆଣିଅଛି । ବାଇବଲର ଏହି ଚରିତ୍ରଗୁଡ଼ିକ, ସେମାନେ କିପରି ରାଜ୍ୟଗୁଡ଼ିକୁ ବଶୀଭୂତ କଲେ ଏବଂ ଧାର୍ମିକତା ସ୍ଥାପନ କଲେ, ଏବଂ ନିଆଁର ପ୍ରକୋପକୁ, ଅଗ୍ନିର ଜ୍ୱାଳାକୁ ଲିଭାଇଲେ, ଓ ଖଡ୍ଗର ଧାରରୁ ରକ୍ଷା ପାଇଲେ, ପୁଣି ସିଂହର ମୁଖକୁ ବନ୍ଦ କରିଦେଲେ, ଏବଂ, ଓଃ, ଆହୁରି ମଧ୍ୟ, ସ୍ତ୍ରୀମାନେ ସେମାନଙ୍କର ମୃତମାନଙ୍କୁ ପୁନରୁତ୍ଥାନ ପରେ ଜୀବିତ ଫେରି ପାଇଲେ, ଏବଂ ଅନେକ ବିଷୟଗୁଡିକ, କାରଣ ତୁମେ ଏହା ପ୍ରତିଜ୍ଞା କରିଥିଲ । ଏହା ତୁମର ପ୍ରତିଜ୍ଞା ଅଟେ, "ତାହାର ବଂଶ ।" "ଅବ୍ରହାମ, ତୁମର ବଂଶ, ଶତ୍ରୁମାନଙ୍କର ନଗରଦ୍ୱାରକୁ ଅଧିକାର କରିବ ।" ଏବଂ ତୁମେ ତୁମର ପ୍ରତିଜ୍ଞା ରକ୍ଷା କରିଥାଅ ।

64 ହେ ପ୍ରଭୁ, ସେମାନଙ୍କୁ, ବର୍ତ୍ତମାନ ସେମାନଙ୍କ ହୃଦୟର ଇଚ୍ଛା ପ୍ରଦାନ କର । ଏହା ହେଉ ଯେ ସେମାନେ ଏଠାରୁ ଜଣେ ଭିନ୍ନ ବ୍ୟକ୍ତି ହୋଇ ଯାଆନ୍ତୁ । ସେମାନେ ଏହା ଜାଣି, ଯାଅନ୍ତୁ ଯେ ସେମାନେ—ସେମାନେ ବିଜେତା ଅଟନ୍ତି, ଯେହେତୁ ସେହି ରାଜକୀୟ ବଂଶ ସେମାନଙ୍କ ପାଇଁ ଜୟପ୍ରାପ୍ତ କରିଅଛି । ସେହି ରାଜକୀୟ ରାଜା, ଯେତେବେଳେ ଏକ କୁମାରୀରୁ ଜନ୍ମ ହୋଇ, ସେ ଆସିଲେ, ସେ ପ୍ରତ୍ୟେକ ଶତ୍ରୁକୁ ଜୟପ୍ରାପ୍ତ କଲେ, ଏପରିକି ମୃତ୍ୟୁକୁ ମଧ୍ୟ । ତେଣୁ ମୃତ୍ୟୁ ନିଜେ ଅବ୍ରହାମଙ୍କ ବଂଶକୁ ଭୟଭୀତ କରାଇପାରେ ନାହିଁ । ଆମ ପାଖରେ ପ୍ରତିଜ୍ଞା ଅଛି

ଯେ ଆମେମାନେ ପୃଥିବୀର ଉତ୍ତରାଧିକାରୀ ହେବୁ, ଏବଂ ପୁନର୍ବାର ଏକ ଅଧିକ ଗୌରବମୟ ଉପାୟରେ, ଏକ ଗୋରବାନ୍ୱିତ ଶରୀରରେ ଫେରି ଆସିବୁ, ଯେତେବେଳେ ସେହି ଶେଷ ଶତ୍ରୁକୁ ପରମେଶ୍ୱରଙ୍କ ରାଜ୍ୟରେ ଆସିବାକୁ ଥିବା ସେହି ଏକମାତ୍ର ଏବଂ ଶେଷ ସନ୍ତାନର, ପାଦ ତଳେ ରଖି ଦିଆଯିବ।

65 ଯଦି ସେଠାରେ ଏପରି କେହି ଅଛନ୍ତି ଯେଉଁମାନେକି ନିଜର ହାତ ଉପରକୁ କରିଛନ୍ତି, ହେ ପ୍ରଭୁ, ଯେଉଁମାନେକି ପାପୀ ଅଟନ୍ତି, ସେମାନଙ୍କୁ ଉଦ୍ଧାର କର। ଯେଉଁମାନେ ପଶ୍ଚାତଗମନକାରୀ ଅଟନ୍ତି, ସେମାନେ ଜାଣନ୍ତୁ ଯେ ସେମାନଙ୍କୁ ଆଉ ଅଧିକ ଜଣେ ପଶ୍ଚାତଗମନକାରୀ ହୋଇ ରହିବାକୁ ପଡିବ ନାହିଁ। ସେ ପଶ୍ଚାତଗମନକାରୀର ସେହି ନଗରଦ୍ୱାରକୁ ଅଧିକାର କରିପାରନ୍ତି। ବୋଧହୁଏ କେହି ଜଣେ ସେହି କ୍ରୋଧ ସହିତ, ଏକ—ଏକ ଅଶ୍ଳୀଳ, ଅପରିଷ୍କାର ଜିହ୍ୱା, କିମ୍ବା ଲୋଭନୀୟ ହୃଦୟ ସହିତ, କିମ୍ବା ଜଣେ ଟଙ୍କା ବିଷୟରେ, ଲୋଭୀ, କିମ୍ବା—କିମ୍ବା କୌଣସି ମନ୍ଦ ବିଷୟର ଲୋଭୀ, ସେମାନେ ଏହା ଜାଣନ୍ତୁ ଯେ ସେମାନେ ସେହି ନଗରଦ୍ୱାରକୁ ଅଧିକାର କରିପାରନ୍ତି। ବୋଧହୁଏ ଏହା ଅସୁସ୍ଥତା, ହେ ପ୍ରଭୁ, ଦୁଃଖପୀଡା ହୋଇପାରେ। ସେମାନେ ସେହି ନଗରଦ୍ୱାରକୁ ଅଧିକାର କରି ପାରନ୍ତି, "କାରଣ ସେ ଆମ୍ଭମାନଙ୍କ ଅଧର୍ମ ପାଇଁ, ଆମ୍ଭମାନଙ୍କ ଅପରାଧ ନିମନ୍ତେ କ୍ଷତବିକ୍ଷତ ହୋଇଥିଲେ। ଆମର ଶାନ୍ତିର ଦଣ୍ଡ ତାହାଙ୍କ ଉପରେ ବର୍ତ୍ତିଲା, ଏବଂ ତାହାଙ୍କ କୋରଡାଘାତ ଦ୍ୱାରା ଆମେମାନେ ସୁସ୍ଥ କରାଯାଇଅଛୁ।" ଆଜି ସକାଳେ, ଆମେମାନେ ବିଜୟୀ ଅଟୁ। ହେ ପ୍ରଭୁ, ଏହା ପ୍ରଦାନ କର।

ଏବଂ ଏହା ସବୁ ବ୍ୟତୀତ, ସେହି ମହତ୍ କାର୍ଯ୍ୟ ଯାହା ତାହାଙ୍କ ଦ୍ୱାରା ସାଧନ କରାଯାଇଥିଲା, ତଥାପି ସେ ଆମ ସହିତରେ ଅଛନ୍ତି। ତଥାପି, ସେ ପ୍ରତିଜ୍ଞା କରିଥିଲେ ଯେ ସେ ଏହା କରିବେ। "ଅଳ୍ପ ସମୟ ଏବଂ ଜଗତ ମୋତେ ଆଉ ଦେଖିବ ନାହିଁ, ତଥାପି ତୁମେ ମୋତେ ଦେଖିବ; କାରଣ ମୁଁ ତୁମ ସହିତରେ ରହିବି, ଏପରିକି ଯୁଗର ଶେଷ ଯାଏଁ, ତୁମ ଅନ୍ତରରେ ରହିବି।" ମୁଁ ପ୍ରାର୍ଥନା କରୁଛି, ହେ ପିତା, ଯେ ତୁମେ ଆଜି ସକାଳେ ଆପଣାକୁ ପ୍ରତ୍ୟେକ ଜଣ ଏବଂ ସମସ୍ତଙ୍କ ଉପରେ ଜଣାଇବ। କାରଣ ଆମେ ଏହାକୁ ଯୀଶୁଙ୍କ ନାମରେ ମାଗୁଅଛୁ। ଆମେନ୍।

66 କଅଣ ଆପଣ ଏହାକୁ ସତ୍ୟ ବୋଲି ବିଶ୍ୱାସ କରନ୍ତି କି? ଆଦର ସହକାରେ ଏହାକୁ ସତ୍ୟ ବୋଲି ବିଶ୍ୱାସ କରନ୍ତୁ, ଆପଣା ହୃଦୟରେ ତିଳେ ମାତ୍ର ସନ୍ଦେହ ନ କରନ୍ତୁ। ବର୍ତ୍ତମାନ କେବଳ ଏହାକୁ ମନେରଖନ୍ତୁ। ପବିତ୍ରଆତ୍ମାଙ୍କର କାର୍ଯ୍ୟ ଏତେ ସରଳ ଯେ ଏହା ବୌଦ୍ଧିକ ମନକୁ ଦ୍ୱନ୍ଦ୍ୱରେ ପକାଇ ଦେଇଥାଏ। ସବୁଠୁ ସରଳ ବିଷୟମାନ ଯାହାକି ମୁଁ କେବେ...ମୁଁ ପବିତ୍ରଆତ୍ମାଙ୍କୁ ଏହା କରୁଥିବାର ଦେଖିଅଛି। ମୁଁ ଏପରି ବିଷୟଗୁଡିକୁ କହିଥାଏ, କାହିଁକି, ମୁଁ ଏହାକୁ ସେହିପରି ଭାବରେ ହେବାର ଚିନ୍ତା କରି ନ ଥାଏ। ଯଦି ମୋତେ ମୋର ନିଜର ମନ ବ୍ୟବହାର କରିବାକୁ ପଡିଥାଏ, ମୁଁ କହିବି, "ତେବେ, ତାହା ଠିକ୍ ହୋଇପାରିବ ନାହିଁ।" ମାତ୍ର

ଏହା ସର୍ବଦା ଠିକ୍ ଅଟେ । ସେ କାର୍ଯ୍ୟଗୁଡିକୁ ଏତେ ସରଳ ଭାବେ କରନ୍ତି । ଏବଂ ସେ ନିଜକୁ ଆପଣା ଲୋକମାନଙ୍କଠାରେ ଜଣାଇବା ପାଇଁ କିଛି ବିଷୟଗୁଡିକ କରନ୍ତି । ପରମେଶ୍ୱର ଆପଣା ଲୋକମାନଙ୍କ ସହିତରେ ଅଛନ୍ତି । ସେ ଆପଣା ଲୋକମାନଙ୍କ ଗହଣରେ ଅଛନ୍ତି । ସେ ସେମାନଙ୍କୁ ପ୍ରେମ କରନ୍ତି । ଏବଂ ସେ ସେମାନଙ୍କ ପାଇଁ କରିବାକୁ ଓ ସେମାନଙ୍କୁ ସାହାଯ୍ୟ କରିବାକୁ ଚାହାଁନ୍ତି; ଆଉ କେବଳ ସେମାନଙ୍କୁ ଏହା ଜଣାଇବାକୁ ଚାହାଁନ୍ତି, ଯେ ଏହା ତାହା ନୁହେଁ ଯାହା ସେ କରିବେ, ବରଂ ସେ ଯାହା କରିଛନ୍ତି ଏହା ତାହା ଅଟେ । ସେ ଏହା କରିସାରିଛନ୍ତି । ଏହା ଆପଣଙ୍କର ଅଟେ । ଏହା ଆପଣଙ୍କର ଅଧିକାର ସମ୍ପନ୍ନ ଅଟେ । ଏହା ଆମ ପିତା ପରମେଶ୍ୱରଙ୍କଠାରୁ, ତାହାଙ୍କ ମଣ୍ଡଳୀ ନିମନ୍ତେ ଏକ ମାଗଣା ଉପହାର ଅଟେ ।

67 ତେବେ ସେହି ବୌଦ୍ଧିକ ମନ କିପରି ଭାବରେ ଏତେ ବିକୃତ ହୋଇଥିବ, ଯେପରିକି ତାହା ଦାନିୟେଲଙ୍କ ସମୟରେ, ଏବଂ ଏବ୍ରୀ ବାଳକମାନଙ୍କ ସମୟରେ ହୋଇଥିଲା, ଏବଂ—ଏବଂ ଅନେକଙ୍କ ସମୟରେ ହୋଇଥିଲା ଯାହା ବିଷୟରେ ଆଜି ସକାଳେ ଆମେ ଆଲୋଚନା କରିଛୁ । ଦେଖନ୍ତୁ, ସେହି ଦିନର ମହାନ ବୌଦ୍ଧିକ ଜଗତକୁ ଜୟଯୁକ୍ତ କରିବା ଠିକ ସେତିକି କଷ୍ଟକର ଥିଲା ଯେତିକି ତାହା ବର୍ତ୍ତମାନ ଅଟେ । ଏହା ସର୍ବଦା ସେହି ଶତ୍ରୁ ହିଁ ରହିଆସିଛି, ସେମାନଙ୍କର ଦେଖିବାର ଦୃଷ୍ଟିଭଙ୍ଗୀ ଅନୁଯାୟୀ, ଏବଂ ସେମାନଙ୍କର ଆଧୁନିକ ବିଜ୍ଞାନ ଓ ବିଷୟଗୁଡ଼ିକ ଅନୁଯାୟୀ, ତାହା ସେତେବେଳେ ମନକୁ, ସେତିକି ଜଟିଳ ଏବଂ ବିଷୟଗୁଡିକ ଥିଲା, ଯେତିକି ଆଜି ଆମ ଦିନରେ ଅଟେ । ଦେଖନ୍ତୁ, ଏହା ସେହି ସମାନ ବିଷୟ ଥିଲା । କିନ୍ତୁ ସେଠାରେ ସର୍ବଦା ଭଳି, ସେହି ଲୋକମାନେ ମଧ୍ୟ ରହିଥିଲେ, ଯେଉଁମାନେକି ସେଠାରେ ରହିବାକୁ ସାହସ କରିଥିଲେ ଓ କହିଥିଲେ, "ପରମେଶ୍ୱର ଠିକ୍ ଅଟନ୍ତି । ପରମେଶ୍ୱରଙ୍କ ବାକ୍ୟ ସତ୍ୟ ଅଟେ ।"

68 ଏବଂ, ଆପଣ, ଆପଣଙ୍କୁ ଜୟପ୍ରାପ୍ତ କରିବାକୁ ପଡ଼େ ନାହିଁ, କାରଣ ସେ ଜୟପ୍ରାପ୍ତ କରିଛନ୍ତି । ଆପଣଙ୍କୁ କେବଳ ଗୋଟିଏ ବିଷୟ କରିବାକୁ ପଡିବ ତାହା ହେଉଛି ଉପରକୁ ଯାଇ ଅଧିକାର କରିବା, ନଗର୍ଦ୍ୱାରରେ ଛିଡା ହେବା, କହିବା, "ଏହା ମୋର । ଏହା ମୋର ଅଟେ । ପରମେଶ୍ୱର ଏହାକୁ, ମୋର ପରିତ୍ରାଣକୁ ମୋତେ ଦେଇଅଛନ୍ତି । ଯଦି ମୁଁ ପବିତ୍ରଆତ୍ମା ଚାହେଁ, ତେବେ ପରମେଶ୍ୱର ମୋତେ ତାହା ଦେଇଅଛନ୍ତି । ପ୍ରତିଜ୍ଞା ମୋ ପାଇଁ, ଆମର ସନ୍ତାନସନ୍ତତିଙ୍କ ପାଇଁ ଅଟେ, ସେସମସ୍ତଙ୍କ ପାଇଁ ଯେଉଁମାନେକି ଦୂରବର୍ତ୍ତୀ ଅଟନ୍ତି, ଯେଉଁମାନଙ୍କୁ ପ୍ରଭୁ ଡାକିବେ ।" ସେଥିପାଇଁ ମୁଁ ଛିଡା ହୋଇଅଛି । କେବଳ...

69 ଏହି ହୃଦୟର ଗୁପ୍ତ ବିଷୟଗୁଡିକୁ ଜାଣିବାର, ମୋର ସେବାକାର୍ଯ୍ୟ, ଏବଂ ଇତ୍ୟାଦି, ଏହା ଶୀଘ୍ର ସମାପ୍ତ ହୋଇଯିବ । ଓଃ, ଏହା ସର୍ବଦା ସେଠାରେ ରହିବ । ମାତ୍ର ଏହା ଶୀଘ୍ର ହିଁ ଏହାକୁ ସମାପ୍ତ କରିଦେବ, କାରଣ ଏହା ତ ଏକ କିଛି ଅଧିକ ମହାନ ବିଷୟ ହେବାକୁ ଯାଉଅଛି । ବୁଝିଲେ? ଏହା ତ ଉପରକୁ ଯିବା ଅଟେ; ହାତକୁ ଧରିବାଠାରୁ ନେଇ, ହୃଦୟର ଗୁପ୍ତ ବିଷୟଗୁଡିକୁ ଜାଣିବା ପର୍ଯ୍ୟନ୍ତ, ଏବଂ ବର୍ତ୍ତମାନ ମଣ୍ଡଳୀ ଅନ୍ୟ ଏକ କିଛି କରିବାକୁ ସ୍ଥିର

କରୁଅଛି । ବୁଝିଲେ? ଏହାକୁ ଦେଖନ୍ତୁ । ଏହାକୁ ଲକ୍ଷ୍ୟ କରନ୍ତୁ ଏବଂ ଜାଣନ୍ତୁ ଯେ ଏହା ସତ୍ୟ ଅଟେ । ବୁଝିଲେ? ମୁଁ ଜାଣେ ଯେ ଏହା ସତ୍ୟ ଅଟେ । ଏବଂ ଏହା ଆହୁରି ଅଧିକ ମହାନ, ଅଧିକ ଉଚ୍ଚ, ଅଧିକ ଉନ୍ନତ ହେବ । ନିଶ୍ଚିତରେ । କାହିଁକି, ସେ ଏହାକୁ ପ୍ରତିଜ୍ଞା କରିଥିଲେ । ଏବଂ ଯାହା ସେ ପ୍ରତିଜ୍ଞା କରନ୍ତି, ସେ ତାହା କରନ୍ତି । ସେ ନିଜ ପ୍ରତିଜ୍ଞାରେ ବିଫଳ ହୋଇପାରନ୍ତି ନାହିଁ । ଏବଂ ଏହା କଅଣ ଅଟେ? ଆମ ସହିତ ତାହାଙ୍କର ଚିର-ସ୍ଥାୟୀ ଉପସ୍ଥିତି, ଏହା ଜଣାଇବା ନିମନ୍ତେ, ଆପଣଙ୍କୁ ଏହା ଜଣାଇବା ହେତୁ ଯେ ସେ ଆପଣଙ୍କ ପାଇଁ ନଗରଦ୍ୱାରକୁ ଅଧିକାର କରି ନେଇଛନ୍ତି ।

70 ସେ ସେହି ରାଜକୀୟ ବଂଶ ଥିଲେ । ତାହାଙ୍କ ବ୍ୟତୀତ ଆଉ କେହି ସେହି ନଗରଦ୍ୱାରକୁ ଅଧିକାର କରିପାରିବେ ନାହିଁ । ସେଠାରେ ପଶ୍ଚାତ୍ ସମୟରେ ଥିବା ସେସମସ୍ତ ଲୋକମାନେ ତାହାଙ୍କ ଆଗମନର ଛାୟା ଥିଲେ । ମାତ୍ର ଯେତେବେଳେ ସେ ଆସିଲେ, ଏହା ସମଗ୍ର ଯୁଦ୍ଧକୁ ସମାପ୍ତ କରି ଦେଇଥିଲା । ସେହି ଯୁଦ୍ଧଟି ଗେଥସିମନି ଏବଂ କାଲବରୀରେ ସମାପ୍ତ ହୋଇଥିଲା । ଏବଂ ବର୍ତ୍ତମାନ ଆମେମାନେ କେବଳ, ବିଜେତା ଭାବରେ ଛିଡା ହୋଇଅଛୁ । କରିବା ନିମନ୍ତେ କୌଣସି ଯୁଦ୍ଧ ନାହିଁ । ଆମେ…ଯୁଦ୍ଧଟି ଶେଷ ହୋଇଯାଇଅଛି । ଆମେ କେବଳ ଏହାକୁ, ଏହାର ମାଲିକାନା ଅଧିକାରକୁ ଦାବି କରୁ । ପରମେଶ୍ୱର, ପିତାଙ୍କ ଦ୍ୱାରା ଏକ ଲିଖିତ ଆଶ୍ୱାସନା, ଯିଏକି ଆପଣା ହାତ ଉଠାଇ, କହିଲେ, "ମୁଁ ନିଜଠାରେ ଶପଥ କରିବି ଯେ ତାହାର ବଂଶ ଶତ୍ରୁର ନଗରଦ୍ୱାରକୁ ଅଧିକାର କରିବ ।" ତାହା ସେଠାରେ ଅଟେ । ଏହା ତ ପୂର୍ବରୁ ଜୟଯୁକ୍ତ କରାଯାଇ ସାରିଛି । "ସେ ଆମମାନଙ୍କର ଅପରାଧ ନିମନ୍ତେ ଆହତ *ହୋଇଥିଲେ* । ତାହାଙ୍କ କୋରଡାଘାତ ଦ୍ୱାରା ଆମେମାନେ ସୁସ୍ଥ *ହେଲୁ* ।" ଏହା କରାଯାଇସାରିଛି । ଏହା ସମ୍ପାଦିତ କାର୍ଯ୍ୟ ଅଟେ । ଆମେ କେବଳ ଏହାକୁ ଅଧିକାର କରୁ । "ଏବଂ ମୁଁ ଯେଉଁ କାର୍ଯ୍ୟଗୁଡ଼ିକ କରେ, ତୁମେମାନେ ମଧ୍ୟ ତାହା କରିବ ।" ଆଜି ସକାଳେ, ରାଜା ଆମ ସହିତରେ ଅଛନ୍ତି । ତାହାଙ୍କର ମହାନ ଆଶୀର୍ବାଦମାନ, ପବିତ୍ରଆତ୍ମା, ଆମ ଉପରେ ବିଚରଣ କରୁଛନ୍ତି । ସେହି ଗୌରବମୟ ଅନୁଭୁତିକୁ ଅନୁଭବ କରିବା, ଏହା ଜାଣିବା ଯେ ଏହା ଅବିକଳ ପରମେଶ୍ୱରଙ୍କ ବାକ୍ୟ ସହିତରେ…ସହିତରେ ଅଟେ । ଏହା ଜାଣିବା ଯେ— ଯେ ପରମେଶ୍ୱର ଆମର ପିତା ଅଟନ୍ତି, ଏହା ଆମକୁ ଏକ ଅଦ୍ଭୁତ ସାନ୍ତ୍ୱନା ପ୍ରଦାନ କରିଥାଏ ।

71 ତେବେ, ମୁଁ ବିଶ୍ୱାସ କରେ, କଅଣ ସେ—କଅଣ ସେ ଆଜି ସକାଳେ ପ୍ରାର୍ଥନା କାର୍ଡ ବଣ୍ଟନ କଲେ କି? ମୁଁ ତାଙ୍କୁ କହିଥିଲି, ତେବେ, ଯଦି ସେଠାରେ କେବଳ ଆରାଧନାଳୟ ଲୋକମାନଙ୍କ ବ୍ୟତୀତ ଆଉ କେହି ନ ଥାଆନ୍ତି, ତାହାହେଲେ, କୌଣସି ପ୍ରାର୍ଥନା କାର୍ଡ ଦେବେ ନାହିଁ । ମାତ୍ର ଯଦି ସେଠାରେ—ସେଠାରେ ଅତି କମ୍‌ରେ ଦଶ, ପନ୍ଦର ଜଣ ଲୋକ, କିମ୍ବା ସେପରି କିଛି, ଦ୍ୱାରରେ ଅପରିଚିତ ଲୋକମାନେ ରହିଥାନ୍ତି, କାହିଁକି, ପ୍ରାର୍ଥନା କାର୍ଡଗୁଡିକୁ ଦେବା ପାଇଁ, ଯେଣୁ ଆମେ ସେମାନଙ୍କୁ ଆଣି ସେମାନଙ୍କ ପାଇଁ ପ୍ରାର୍ଥନା କରିପାରିବା । ଆଜି ସକାଳେ ଆମ ସହିତ କେତେ ଜଣ ଅପରିଚିତ ଲୋକମାନେ ଅଛନ୍ତି? ନିଜର ହାତ ଉଠାନ୍ତୁ । ଓଃ, ମୋର ପ୍ରଭୁ! ନିଶ୍ଚିତ । ସେମାନଙ୍କ ମଧ୍ୟରୁ ପନ୍ଦର କିମ୍ବା କୋଡ଼ିଏ ଅଛନ୍ତି ।

ଠିକ୍ ଅଛି । ଆମେମାନେ ଏହି ପ୍ରାର୍ଥନା କାର୍ଡଗୁଡ଼ିକୁ ଧାଡିରେ ରଖି ସେଗୁଡିକୁ ମଞ୍ଚ ଉପରକୁ ଆଣିବୁ । ଦେଖନ୍ତୁ, ଯେଉଁ କାରଣରୁ ମୁଁ "ଆରାଧନାଳୟ" ଲୋକମାନଙ୍କ ବିଷୟରେ କହିଥିଲି, ସେମାନେ ଏଠାରେ ଅଛନ୍ତି ।

72 ଏହି ହୃଦୟର ଗୁପ୍ତ ବିଷୟକୁ ଜାଣିବା, ମନେରଖନ୍ତୁ, ମୁଁ ଏହା କହୁଛି, ହୃଦୟର ଗୁପ୍ତ ବିଷୟ ଜାଣିବା ଶୀଘ୍ର ଶେଷ ହୋଇଯିବ, ସେଠାରେ ମାର୍ଗରେ, ତାହା ଅପେକ୍ଷା ଆହୁରି କିଛି ଅଧିକ ବଡ଼ ଏବଂ ଅଧିକ ଉତ୍ତମ ବିଷୟ ରହିବ । ସେଠାରେ ଥିଲା, ଯାହା ମୁଁ ଜାଣେ, ବର୍ତ୍ତମାନ ଆପଣ ଦୁଇ ଭାଇଙ୍କୁ ଦେଖୁଅଛି, ଯେଉଁମାନେକି ଗତକାଲି ମୋ ସହିତରେ ଛିଡା ହୋଇଥିଲେ, ଯେତେବେଳେ ତାହା ଘଟିଥିଲା, ଦେଖନ୍ତୁ, ଏବଂ ପୂର୍ବ ଦିନ, ଯେତେବେଳେ ଏହା ଘଟିଥିଲା । ଏବଂ ତାହା କ୍ରମାଗତ ତିନିଥର ଅଟେ, ବର୍ତ୍ତମାନ, ଏହା ଘଟିଅଛି, ଏକ ନିଶ୍ଚିତକରଣ ଯେ ଏହା ବର୍ତ୍ତମାନ ପାଖେଇ ଆସୁଅଛି, ଦେଖନ୍ତୁ, ଏହା ଘଟିବାକୁ ଯାଉଅଛି ।

73 ତେବେ, ହେ ପ୍ରଭୁ, ତୁମ୍ଭେ ପରମେଶ୍ୱର ଅଟ, ଏବଂ ଆମେ ତୁମର ସେବକ ଅଟୁ । ଆମେ ତୁମକୁ ତୁମର ବାକ୍ୟ ପାଇଁ, ପବିତ୍ରଆତ୍ମାଙ୍କ ପାଇଁ ଧନ୍ୟବାଦ ଦେଉଅଛୁ, ଯିଏକି ଆମ ହୃଦୟକୁ ଆଶୀର୍ବାଦ କରିଛନ୍ତି । ଏବଂ ବର୍ତ୍ତମାନ ଆମେମାନେ ଖୁସି ଅଟୁ । ଆମେମାନେ ଏଠାରେ ଏହା ଜାଣି ବସିଅଛୁ, ଯେ ଆମେମାନେ ବିଜେତା ଅଟୁ । ଆମେମାନେ ତ ଆଗରୁ ଶତ୍ରୁର ସମସ୍ତ ନଗରଦ୍ୱାରକୁ ଅଧିକାର କରିଅଛୁ । ଏହା ଆମକୁ ଦିଆଯାଇଅଛି, ଏବଂ ଆମ ହାତରେ ମୂଖ୍ୟ କଞ୍ଚି ଅଛି । ଯୀଶୁ ଖ୍ରୀଷ୍ଟଙ୍କ ନାମ ଖୋ-…ଶତ୍ରୁଗଣର ପ୍ରତ୍ୟେକ ନଗରଦ୍ୱାରକୁ ଖୋଲି ଦେବ । ଯୀଶୁଙ୍କ ନାମର ଏହି ଚାବି, ଏହି ଚାବିକୁ ନିଅ, ଏବଂ ଖୋ-…ଶତ୍ରୁଗଣର ପ୍ରତ୍ୟେକ ନଗରଦ୍ୱାରକୁ ଖୋଲ ଯାହାକି ଆପଣଙ୍କୁ ଯେକୌଣସି ପ୍ରତିଜ୍ଞାଠାରୁ ଦୂରେଇ ରଖିଛି ।

ଏବଂ, ହେ ପରମେଶ୍ୱର, ଆଜି ସକାଳେ ଆମେମାନେ ରୋଗୀ ଏବଂ ପୀଡିତମାନଙ୍କ ପାଇଁ ନଗରଦ୍ୱାରକୁ ଖୋଲିବା ନିମନ୍ତେ, ଯୀଶୁଙ୍କ ନାମରେ, ଏହି ଚାବି ସହିତ ଆସୁଅଛୁ । କାରଣ ଏହା ତାହାଙ୍କ ବାକ୍ୟରେ—ରେ ଲେଖା ଅଛି, "ମୋ ନାମରେ ସେମାନେ ଭୂତମାନଙ୍କୁ ଛଡାଇବେ । ସେମାନେ ନୂତନ ଭାଷାରେ କଥା କହିବେ । ଏବଂ ଯଦି ସେମାନେ ସର୍ପକୁ ନେବେ, କିମ୍ବା କୌଣସି ପ୍ରାଣନାଶକ ପଦାର୍ଥ ପାନ କରିବେ, ତେବେ ଏହା ସେମାନଙ୍କର କୌଣସି କ୍ଷତି କରିବ ନାହିଁ । ସେମାନେ ରୋଗୀମାନଙ୍କ ଉପରେ ଆପଣା ହାତ ରଖିବେ ଏବଂ ସେମାନେ ସୁସ୍ଥ ହେବେ ।" ଆମେ ଜାଣୁ ଯେ ସେହି ବିଷୟଗୁଡ଼ିକ ସତ୍ୟ ଅଟେ । ଏବଂ ପ୍ରଭୁ, ଆଜି ସକାଳେ ଏହା ପ୍ରଦାନ କର, ଯେ ସେମାନେ କରିବେ, ଲୋକମାନେ ତାହା ଦେଖିବାକୁ ପାରିବେ, ବାକ୍ୟର ପ୍ରକଟୀକରଣ ଦ୍ୱାରା ସେ ମାଂସମୟ ଶରୀର ଧାରଣ କଲେ ଏବଂ ଆମ ମଧ୍ୟରେ ବାସ କଲେ, ଯେ, "ସେ ଆମମାନଙ୍କର ଅଧର୍ମ ପାଇଁ ଘାତ କରାଯାଇଥିଲେ; ତାହାଙ୍କର କୋରଡାଘାତ ଦ୍ୱାରା ଆମେମାନେ ସୁସ୍ଥ ହେଲୁ ।" ଏବଂ ଏହା ହେଉ ଯେ ସେମାନେ ଆଜି ସକାଳେ, ଏହାକୁ ଗ୍ରହଣ କରନ୍ତୁ, ଏବଂ ସେମାନଙ୍କର ସମସ୍ତ ଅସୁସ୍ଥତା ଓ ରୋଗ ଏବଂ ସମସ୍ୟାଗୁଡ଼ିକରୁ ସୁସ୍ଥ ହୁଅନ୍ତୁ । ଆମେ ଏହାକୁ ଯୀଶୁଙ୍କ ନାମରେ ମାଗୁଅଛୁ । ଆମେନ୍ ।

74 ଟେଡି, କଅଣ ଆପଣ *କେବଳ ବିଶ୍ୱାସ କର*, ବଜାଇବେ କି, ହାଉଲେ ହାଉଲେ ଏବଂ ଧୀରେ ଧୀରେ, ଯଦି ଆପଣ ଚାହିଁବେ।

ଆଉ କଅଣ? କଅଣ ଆପଣ ପ୍ରଥମରୁ ଆରମ୍ଭ କଲେ କି? ସଂଖ୍ୟା ଏକ, ପ୍ରାର୍ଥନା କାର୍ଡ। ଏକ, ଦୁଇ, ତିନି, ଚାରି, ପାଞ୍ଚ, ଛଅ, ସାତ, ଆଠ, ନଅ, ଦଶ, କିମ୍ବା ଯାହାକିଛି ସେଠାରେ ଅଟେ। ଠିକ୍ ଅଛି। କଅଣ ଆପଣ କେବଳ ଚୁପଚାପ୍, ଯଦି ଆପଣ ଉଠି ପାରନ୍ତି, ଏହି ପାର୍ଶ୍ୱକୁ ଆସିବେ କି।

[ଜଣେ ଭାଇ କୁହନ୍ତି, "ଆପଣ କେତେ ଜଣଙ୍କୁ ଡାକିଲେ?"—ସମ୍ପା।] ହୁଃ? [କେହି ଜଣେ କୁହନ୍ତି, "ସେତିକି ହିଁ ଅଟେ। ସେତିକି ହିଁ ଅଟେ।"] ପ୍ରାୟଃ...

ଆସନ୍ତୁ ଦେଖିବା, ସଂଖ୍ୟା ଏକ, ସଂଖ୍ୟା ଦୁଇ। କାହା ପାଖରେ ସଂଖ୍ୟା ଏକ ପ୍ରାର୍ଥନା କାର୍ଡ ଅଛି? [ଜଣେ ଭାଇ କୁହନ୍ତି, "ମୁଁ ତାହା ପାଇଅଛି।"—ସମ୍ପା।] ହଁ। ସଂଖ୍ୟା ଦୁଇ। ଠିକ୍ ଅଛି, ଆଜ୍ଞା। ସଂଖ୍ୟା ତିନି, ସଂଖ୍ୟା ଚାରି, ସଂଖ୍ୟା ପାଞ୍ଚ, ସଂଖ୍ୟା ଛଅ, ସଂଖ୍ୟା ସାତ, ସଂଖ୍ୟା ଆଠ, ସଂଖ୍ୟା ନଅ, ସଂଖ୍ୟା ଦଶ।

75 ଯେତେବେଳେ ସେମାନେ ସେମାନଙ୍କର ରାସ୍ତା ପ୍ରସ୍ତୁତ କରି ସେମାନଙ୍କର ଛିଡା ହେବାର ସ୍ଥାନକୁ ଗ୍ରହଣ କରୁଥାନ୍ତି, ମୁଁ ଅବଶିଷ୍ଟ ଆପଣମାନଙ୍କ ମଧ୍ୟରୁ କେତେକଙ୍କୁ ପ୍ରଶ୍ନ ପଚାରିବାକୁ ଚାହେଁ। କେତେ ଜଣ, ଏଠାରେ ଆରାଧନାଳୟର ଲୋକମାନଙ୍କ ମଧ୍ୟରୁ କେହି ଅଛନ୍ତି କି, ଯେଉଁମାନେକି ଅସୁସ୍ଥ ଅଟନ୍ତି? ଆରାଧନାଳୟର ଲୋକମାନେ, ନିଜର ହାତ ଉଠାନ୍ତୁ। ପ୍ରାୟଃ ପାଞ୍ଚୋଟି...ଚାରି, ପାଞ୍ଚ, ଛଅ, ସାତ, ଆଠ। ଆଠ କିମ୍ବା ନଅଟି ହାତମାନ। ଏଠାରେ ଆରାଧନାଳୟରେ ଏପରି କେହି ଅଛନ୍ତି କି, ଯେଉଁମାନେକି ଏଠାରେ ଆରାଧନାଳୟରୁ ନୁହଁନ୍ତି, ସେମାନେ ଆମ ସହିତ ଅପରିଚିତ ଅଟନ୍ତି, ଯଦିଓ ଆପଣ ସେବା ପରେ ଆସିଥିବେ ଏବଂ ଏକ ପ୍ରାର୍ଥନା କାର୍ଡ ପାଇ ନ ଥିବେ? କଅଣ ଆପଣ ନିଜର ହାତ ଉଠାଇବେ କି? ଯେକୌଣସି ବ୍ୟକ୍ତି ଯିଏକି ପରମେଶ୍ୱରଙ୍କୁ ଆବଶ୍ୟକ କରନ୍ତି, ଯେଉଁମାନେକି ନୁହଁନ୍ତି...ଯେଉଁମାନେକି—ଯେଉଁମାନେକି ଏହି ଆରାଧନାଳୟକୁ ଆସନ୍ତି ନାହିଁ। ଏଠାରେ ଏପରି କେହି ଅଛନ୍ତି କି ଯିଏକି ଏହି ଆରାଧନାଳୟର ସଦସ୍ୟ ନୁହଁନ୍ତି, ଏବଂ—ଏବଂ ତଥାପି ଆପଣ ଅସୁସ୍ଥ ଅଟନ୍ତି ଏବଂ ପ୍ରାର୍ଥନା କାର୍ଡ ପାଇ ନାହାଁନ୍ତି, ଏବଂ ଆପଣ ପ୍ରାର୍ଥନାରେ ସ୍ମରଣ କରାଯିବାକୁ ଚାହାଁନ୍ତି? କଅଣ ଆପଣ ପ୍ରତ୍ୟେକ ଜଣ ବ୍ୟକ୍ତି, ନିଜର ହାତ ଉଠାଇବେ କି? ଠିକ୍ ଅଛି। ତାହା ଉତ୍ତମ ଅଟେ। ଠିକ୍ ଅଛି।

76 ବର୍ତ୍ତମାନ ମୁଁ ପଚାରିବାକୁ ଯାଉଅଛି ଯେ ଯଦି ଆପଣ କେବଳ ଅଳ୍ପ କିଛି—କିଛି ମିନିଟ୍ ପାଇଁ, ଯଥାସମ୍ଭବ ଭକ୍ତି ଭାବରେ ରହିପାରନ୍ତି କି, ଏବଂ ତାହାପରେ ଆମେମାନେ ଠିକ ଆରମ୍ଭ କରିବା ଏବଂ ଆଗକୁ ଯିବା। ତେବେ ଆସନ୍ତୁ ଦେଖିବା। ବିଲି, ତୁମ ପାଖରେ ସେଠାରେ ଆଉ କେତେ କୋଠରୀ ବାକି ରହିଛି? ଠିକ୍ ଅଛି। କଅଣ ସେଠାରେ ସଂଖ୍ୟା ଦଶ ଅଛି କି? ମୁଁ ଏକରୁ ଦଶ ଯାଏଁ ଡାକିଲି।

ଏଗାର, ବାର, ତେର, ଚଉଦ, ପନ୍ଦର, ସେମାନେ ବର୍ତ୍ତମାନ ଛିଡା ହୁଅନ୍ତୁ। ଯଦି ସେମାନେ ଦଶ, ଏକାଦଶ, ବାର, ତେର, ଚଉଦ, ପନ୍ଦର ସଂଖ୍ୟା ଅଟନ୍ତି, ତେବେ ସେମାନେ ଛିଡା ହୁଅନ୍ତୁ। ଠିକ୍ ଅଛି। ଏକ, ଦୁଇ, ତିନି, ଚାରି, ପାଞ୍ଚ, ଛଅ, ସାତ, ଆଠ, ନଅ, ଦଶ, ଏଗାର, ବାର। ଏକରୁ ପନ୍ଦର ପର୍ଯ୍ୟନ୍ତ ପ୍ରାୟଃ ଦୁଇଜଣର ଅଭାବ ଅଛି। (...?...ସାତ, ଆଠ, ନଅ, ଦଶ, ଏଗାର।) ପନ୍ଦର, ଷୋହଳ, ସତର, ଅଠର, ଉଣେଇଶି, କୋଡ଼ିଏ।

77 ଓଃ, ଗୋଟିଏ ମିନିଟ୍ ଅପେକ୍ଷା କରନ୍ତୁ। ମୁଁ—ମୁଁ ତାଙ୍କୁ କେବଳ ସେହି ଲୋକମାନଙ୍କୁ ପ୍ରାର୍ଥନା କାର୍ଡ ଦେବା ପାଇଁ କହିଥିଲି ଯେଉଁମାନେକି ଏହି ଆରାଧନାଳୟ ସହିତ ସମ୍ପୃକ୍ତ ନ ଥିଲେ। ତାହା ଠିକ୍ ଅଟେ। ବୁଝିଲେ? କାରଣ, ଏହା, ଦେଖନ୍ତୁ, ଗୁପ୍ତ ବିଷୟଗୁଡ଼ିକୁ ଜାଣିବାର ହେବ। ଲୋକମାନେ କହିବେ, "ଏହି ଲୋକମାନେ ତ ଆରାଧନାଳୟକୁ ଆସନ୍ତି।" ବୁଝିଲେ? ମୁଁ—ମୁଁ ଆପଣମାନଙ୍କୁ କହୁଅଛି। କେତେ ଲୋକ ଏଠାରେ ଅଛନ୍ତି...ଯେଉଁମାନେକି ପୂର୍ବରୁ କେବେ ଏଠାକୁ ଆସିନାହାଁନ୍ତି? ଆସନ୍ତୁ ଆପଣମାନଙ୍କର ହାତ ଦେଖିବା, ଏପରି କେହି ଯିଏକି ପୂର୍ବରୁ ମୋର କୌଣସି ସଭାରେ ରହି ନ ଥିଲେ। ଠିକ୍ ଅଛି। ଠିକ୍ ଅଛି।

ତେବେ, ଠିକ୍ ଅଛି, ବର୍ତ୍ତମାନ ଭାଇ ଟେଡି, ଗୋଟିଏ କ୍ଷଣ ମାତ୍ର।

78 ବର୍ତ୍ତମାନ ମୁଁ ଏହା କହିପାରେ, ଯେ, ଆପଣ ସମସ୍ତେ ସଭାଗୁଡ଼ିକ ବିଷୟରେ ଶୁଣିଛନ୍ତି, ଏହା କିପରି ଭାବରେ ଚାଲିଥାଏ, ଯଦିଓ, କଅଣ ଆପଣ, ସମସ୍ତ ଲୋକମାନେ ସଭାଗୁଡ଼ିକରେ ରହିଛନ୍ତି? ବୁଝିଲେ? ଯେତେବେଳେ ଆମ ପ୍ରଭୁ ଯୀଶୁ ପୃଥିବୀରେ ଥିଲେ, ସେ ଜଣେ ଆରୋଗ୍ୟକାରୀ ବୋଲି ଦାବି କରି ନ ଥିଲେ। ସେ ଅବ୍ରହାମଙ୍କ ବଂଶ ଥିଲେ, ନିଶ୍ଚିତରେ, ଏବଂ ତାଙ୍କ ପାଖରେ ପ୍ରତିଜ୍ଞା ରହିଥିଲା। ସେ କହିଥିଲେ ଯେ ସେ ସେପର୍ଯ୍ୟନ୍ତ କିଛି କରନ୍ତି ନାହିଁ ଯେପର୍ଯ୍ୟନ୍ତକି ପିତା ତାହାଙ୍କୁ ଦେଖାନ୍ତି ନାହିଁ। କଅଣ ତାହା ଠିକ୍ ଅଟେ? ଏବଂ ସେ କହିଲେ, "ଯେପର୍ଯ୍ୟନ୍ତ ପିତା ମୋତେ କଅଣ କରିବାକୁ ଅଛି ଦେଖାନ୍ତି ନାହିଁ ସେପର୍ଯ୍ୟନ୍ତ ମୁଁ କିଛି କରିପାରେ ନାହିଁ।" ଏବଂ ସେ ତାହା ଦ୍ୱାରା ଦେଖନ୍ତି...ଏହା ନୁହେଁ ଯେ "ଯେପର୍ଯ୍ୟନ୍ତ ପିତା ମୋତେ ନ *କୁହନ୍ତି*।" "ଯେପର୍ଯ୍ୟନ୍ତ ପିତା ମୋତେ ନ *ଦେଖାନ୍ତି*।" ସାଧୁ ଯୋହନ 5:19, "ମୁଁ ପିତାଙ୍କୁ ଯାହା କରୁଥିବାର ଦେଖେ, ପୁତ୍ର ମଧ୍ୟ ତାହାହିଁ କରେ।"

79 ବର୍ତ୍ତମାନ ଯେତେବେଳେ ସେ—ସେ ଆସିଲେ, ଆମେମାନେ ପାଉ, ଯେ ତାହାଙ୍କ ସେବାକାର୍ଯ୍ୟର ଆରମ୍ଭରେ, ଯେ ପରେ ତାହାଙ୍କୁ ଦାଉଦଙ୍କ ସେହି—ସେହି ସିଂହାସନକୁ ଗ୍ରହଣ କରିବାକୁ ଥିଲା...[ଟେପ୍‌ରେ ରିକ୍ତ ସ୍ଥାନ—ସମ୍ପା।] ଆତ୍ମିକ ଭାବରେ କହିବାକୁ ଗଲେ, ସେହି...

ଯେତେବେଳେ ଯୋହନଙ୍କ, ବାପ୍ତିସ୍ମ ସମୟରେ, ପବିତ୍ରଆତ୍ମା ତାହାଙ୍କ ଉପରେ ଓହ୍ଲାଇ ଆସିଲେ, ଏବଂ ସେ ଅଭିଷିକ୍ତ ମଶୀହ ହୋଇଗଲେ। ତେବେ, ମନେରଖନ୍ତୁ, ଯେତେବେଳେ ସେ ଜନ୍ମଗ୍ରହଣ କଲେ ସେହି ସମୟରେ ସେ ପରମେଶ୍ୱରଙ୍କ ପୁତ୍ର ଥିଲେ। ସେ ପରମେଶ୍ୱରଙ୍କ କୁମାରୀ-ଜନ୍ମିତ ପୁତ୍ର ଥିଲେ। ମାତ୍ର ଯେତେବେଳେ ସେ ମଶୀହ ହୋଇଗଲେ, ସେତେବେଳେ

ପବିତ୍ରଆତ୍ମା ତାହାଙ୍କ ଉପରେ ଓହ୍ଲାଇ ଆସିଥିଲା, 'କାରଣ *ମଶୀହ*ର ଅର୍ଥ ହେଉଛି "ଅଭିଷିକ୍ତ।" ବୁଝିଲେ? ଏବଂ ସେ ସେହି ଅଭିଷିକ୍ତ ଜଣ ଥିଲେ ଯେତେବେଳେ ପବିତ୍ରଆତ୍ମା ତାହାଙ୍କ ଉପରକୁ ଓହ୍ଲାଇ ଆସିଥିଲା। ଆପଣ ମୋତେ *ମେଷଶାବକ ଏବଂ କପୋତ* ଉପରେ ପ୍ରଚାର କରୁଥିବାର ଶୁଣିଛନ୍ତି। ତାହାପରେ ଆମେମାନେ ପାଉ, ଯେତେବେଳେ ସେ... ତାହାଙ୍କର ଚାଳିଶ ଦିନର ପରୀକ୍ଷା ପରେ, ସେ ବାହାରକୁ ଆସିଲେ।

80 ଏବଂ ତାହାଙ୍କର ସେବାକାର୍ଯ୍ୟ କିପରି ଆରମ୍ଭ ହେଲା, ଏବଂ ଏହା କିପରି ସମାପ୍ତ ହେଲା? ଆମେମାନେ ପାଉ ଯେ, ତାହାଙ୍କ ସେବାକାର୍ଯ୍ୟରେ ଆନ୍ଦ୍ରିୟ ନାମକ ଜଣେ ବ୍ୟକ୍ତି ଥିଲେ, ସେ ଯାଇ ଆପଣା ଭାଇ, ଶିମୋନ, ଯିଏକି ଜଣେ ମତ୍ସ୍ୟଜୀବୀ ଥିଲେ, ତାଙ୍କୁ ଭେଟିଲେ ଓ ଯୀଶୁଙ୍କ ନିକଟକୁ ଆଣିଲେ। ଏବଂ ଯୀଶୁ ତାଙ୍କୁ କହିଲେ, "ତୁମର ନାମ ଶିମୋନ। ତୁମ ପିତାଙ୍କ ନାମ ଯୂନସ। ବର୍ତ୍ତମାନଠାରୁ ତୁମକୁ *ପିତର* ବୋଲି କୁହାଯିବ, ଯାହାର ଅର୍ଥ 'ଛୋଟ ପଥର।'" କଅଣ ଆପଣମାନଙ୍କର ତାହା ମନେ ଅଛି? ଏବଂ ଏହି ବ୍ୟକ୍ତି ଜଣକ ସେଥିରେ ଆଶ୍ଚର୍ଯ୍ୟ ହେଲେ ଯାହା ଯୀଶୁ ତାଙ୍କ ବିଷୟରେ କହିଲେ!

ତେବେ, କଅଣ ମଶୀହଙ୍କୁ ତାହା କରିବାର ଉଚିତ୍ ଥିଲା କି? କେତେ ଜଣ ତାହା ଜାଣନ୍ତି, କୁହନ୍ତୁ, "ଆମେନ୍।" ତାହାଙ୍କୁ ସେହି ପରମେଶ୍ୱର-ଭବିଷ୍ୟଦ୍‌ବକ୍ତା ହେବାର ଉଚିତ୍ ଥିଲା। ହଁ, ଆଜ୍ଞା। ମୋଶା କହିଥିଲେ, "ସଦାପ୍ରଭୁ ତୁମ୍ଭର ପରମେଶ୍ୱର ମୋ ଭଳି ଜଣେ ଭବିଷ୍ୟଦ୍‌ବକ୍ତାଙ୍କୁ ଉଠାଇବେ। ଏପରି ହେବ ଯେ ଯେକେହି ଏହି ଭବିଷ୍ୟଦ୍‌ବକ୍ତାଙ୍କ କଥା ନ ଶୁଣିବ ସେ ଲୋକମାନଙ୍କ ମଧ୍ୟରୁ ଉଚ୍ଛିନ୍ନ କରାଯିବ।"

81 ବର୍ତ୍ତମାନ, ତେବେ ଆମେମାନେ ଜାଣୁ ଯେ, ପରେ, ତାହାଙ୍କର..."ସେ ଆପଣା ନିଜର ଲୋକମାନଙ୍କ ପାଖକୁ ଆସିଲେ।" ସେମାନେ କିଏ ଥିଲେ? ସ୍ୱଭାବରେ, ଯିହୂଦୀମାନେ ଥିଲେ। "ତେବେ ତାହାଙ୍କର ନିଜର ଲୋକମାନେ ତାହାଙ୍କୁ ଗ୍ରହଣ କଲେ ନାହିଁ," ତେଣୁକରି ସେତେବେଳେ ସେ...ତେବେ ଏହାକୁ ବିଜାତୀମାନଙ୍କ ନିକଟକୁ ଯିବାକୁ ପଡିଲା, ଦେଖନ୍ତୁ, କାରଣ ତାହାଙ୍କର ନିଜର ଲୋକମାନେ ତାହାଙ୍କୁ ଗ୍ରହଣ କଲେ ନାହିଁ। "କିନ୍ତୁ ଯେତେ ଲୋକ ତାହାଙ୍କୁ ଗ୍ରହଣ କଲେ, ସେମାନଙ୍କୁ ସେ ପରମେଶ୍ୱରଙ୍କ ପୁତ୍ର ହେବାର ଶକ୍ତି ପ୍ରଦାନ କଲେ।" ତେଣୁକରି ବର୍ତ୍ତମାନ ସେ ବିଜାତୀମାନଙ୍କ ଆଡକୁ ବୁଲି ପଡ଼ିଛନ୍ତି, ଏବଂ ଦୁଇ ହଜାର ବର୍ଷ ହେଲା, ରହିଛନ୍ତି। ମାତ୍ର ବର୍ତ୍ତମାନ ସେହି ବିଷୟଗୁଡିକୁ ଧ୍ୟାନ ଦିଅନ୍ତୁ ଯାହା ସେ କରିଥିଲେ।

82 ତାହାପରେ ଫିଲିପ୍ପ, ସେ ଏହା ହୋଇଥିବାର ଦେଖିବା ପରେ, ସେ ଯାଇ ନିଥନିୟେଲଙ୍କୁ ପାଇଲେ, ଏବଂ ନିଥନିୟେଲଙ୍କୁ ଜଣାଇଲେ ଯେ ସେ କାହାକୁ ପାଇଛନ୍ତି ଏବଂ ସେ କେଉଁ କାର୍ଯ୍ୟ ସାଧନ କରିଛନ୍ତି। ଏବଂ ଏହା ତାଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କଲା। ସେ ଏହାକୁ ବିଶ୍ୱାସ କରିପାରିଲେ ନାହିଁ। ମାତ୍ର ଯେତେବେଳେ ସେ ପ୍ରଭୁ ଯୀଶୁଙ୍କ ଉପସ୍ଥିତିରେ ପହଞ୍ଚିଲେ, ଯେତେବେଳେ ସେ ପାଇଲେ ଯେ ସେ କେଉଁଠାରେ ଅଛନ୍ତି, ତାହାଙ୍କ ଉପସ୍ଥିତିକୁ ଆସିଲେ, ଯୀଶୁ କହିଲେ, "ହେଇ ଦେଖ ଜଣେ ଇସ୍ରାଏଲୀୟ ଦେଖ ଯାହାଙ୍କଠାରେ କୌଣସି କପଟତା

ନାହିଁ ।”

83 ତେବେ, ଯଦି ଆପଣ ସେଠାରେ ଛିଡା ହୋଇଥାନ୍ତେ, କଅଣ ଆପଣ ଭାବୁଛନ୍ତି ଯେ ଆପଣ ତାହା ବୁଝିବା ନିମନ୍ତେ ଯଥେଷ୍ଟ ଆତ୍ମିକ ହୋଇଥାନ୍ତେ ଯେ ସେ କିଏ ଥିଲେ? କଅଣ ଆପଣ ଭାବୁଛନ୍ତି ଯେ ଆପଣ ଏହା କରିଥାନ୍ତେ? ତେବେ ଦେଖନ୍ତୁ । ବୁଝିଲେ? ସେହି ମନୁଷ୍ୟ, କେବଳ ଏକ ଅପରିଚିତ ବ୍ୟକ୍ତି, ଜଣେ ମ-...ସେଠାରେ, ସେ ହୁଏତ ଜଣେ ମତ୍ସ୍ୟଜୀବୀ ହୋଇଥିବେ । ସେ ଜଣେ ବଢେଇ ଥିଲେ, ତାହାହିଁ ସେ ଥିଲେ । ଏହି ବଢେଇ ମନୁଷ୍ୟ ସେଠାରେ ଛିଡା ହୋଇଥିଲେ, ମଧ୍ୟ-ବୟସ୍କ ବ୍ୟକ୍ତି ଜଣେ । ଏବଂ ଏହି ବ୍ୟକ୍ତିଟି ଆସନ୍ତି । ସେ ତାଙ୍କ ଆଡକୁ ଚାହିଁଲେ, ଏଠାରେ ଥିବା ଏହି ଲୋକମାନଙ୍କ ମଧ୍ୟରୁ ଜଣକା ପରି, କହିଲେ, “ହେଇ ଦେଖ ଜଣେ ଇସ୍ରାଏଲୀୟ ଯାହାଙ୍କଠାରେ କୌଣସି କପଟତା ନାହିଁ ।” ତେବେ, ସେ କିପରି ଜାଣିଲେ ଯେ ସେ ଜଣେ ଇସ୍ରାଏଲୀୟ ଥିଲେ? ସେ କେଉଁ ପ୍ରକାରେ ପୋଷାକ ପିନ୍ଧିଥିଲେ ତାହା ନୁହେଁ, କାରଣ ସେମାନେ ସମସ୍ତେ ଏକ ସମାନ ବସ୍ତ୍ର ପରିଧାନ କରିଥିଲେ । “ଯାହାଙ୍କଠାରେ କୌଣସି କପଟତା ନାହିଁ ।” ସେ କିପରି ଜାଣିଲେ ଯେ ସେ ଜଣେ—ଜଣେ ନିଷ୍କପଟ ବ୍ୟକ୍ତି ଥିଲେ?

84 ତେଣୁ ଏହା ଏହି ବ୍ୟକ୍ତିଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରିଥିଲା । ଜଣେ ପ୍ରକୃତ ବିଶ୍ୱାସୀ ହୋଇଥିବା ହେତୁ, ସେ କହିଲେ, “ରାବ୍ବୀ,” କିମ୍ବା ଭାଇ, ପ୍ରଚାରକ, ଶିକ୍ଷକ, “ଆପଣ ମୋତେ କେବେ ଦେଖିଲେ?” ଦେଖନ୍ତୁ, ସେ ତାହାଙ୍କୁ ପ୍ରଶ୍ନ କରୁଥିଲେ ।

85 ଯୀଶୁ କହିଲେ, “ଫିଲିପ୍ପ ତୁମକୁ ଡାକିବା ପୂର୍ବେ, ଯେତେବେଳେ ତୁମେ ଗଛ ତଳେ ଥିଲ, ମୁଁ ତୁମକୁ ସେତେବେଳେ ଦେଖିଥିଲି ।”

ସେ ଉତ୍ତର ଦେଲେ, “ଆପଣ ପରମେଶ୍ୱରଙ୍କ ପୁତ୍ର । ଆପଣ ଇସ୍ରାଏଲର ରାଜା ଅଟନ୍ତି ।”

86 ଯୀଶୁ କହିଲେ, “ଯେହେତୁ ମୁଁ ତୁମକୁ ଏହା କହିଲି ବୋଲି, କଅଣ ସେଇଥି ପାଇଁ ତୁମେ ବର୍ତ୍ତମାନ ମୋତେ ବିଶ୍ୱାସ କରୁଅଛ? ତେବେ ତୁମେ ଏହାଠାରୁ ଅଧିକ ମହାନ ବିଷୟଗୁଡିକ ଦେଖିବ ।”

87 ଏବଂ ସେହି କାରଣରୁ ମୁଁ ବିଶ୍ୱାସ କରେ ଯେ ଜୀବନ୍ତ ପରମେଶ୍ୱରଙ୍କ ମଣ୍ଡଳୀ ଏହାଠାରୁ ଅଧିକ ମହାନ ବିଷୟଗୁଡିକ ଦେଖିବାକୁ ଯାଉଛି । ବର୍ତ୍ତମାନ ଏହା ଖୁବ୍ ଶୀଘ୍ର ହିଁ, ତାହା ଭିତରକୁ ଠିକ ଯିବା ପାଇଁ ପ୍ରସ୍ତୁତ ହେଉଅଛି, ଦେଖନ୍ତୁ, କାରଣ ସେମାନେ ଏହାକୁ ବିଶ୍ୱାସ କରିଛନ୍ତି । ଯେଉଁମାନେ ଏହାକୁ ନାମଧାରୀ ମଣ୍ଡଳୀର ପ୍ରତିବନ୍ଧକ ହେତୁ, ପ୍ରତ୍ୟାଖ୍ୟାନ କରିଛନ୍ତି, ମୁଁ ସନ୍ଦେହ କରେ ଯେ ସେମାନେ କଦାପି ଏହାକୁ କେବେ ବିଶ୍ୱାସ କରିବେ କି? ବୁଝିଲେ? ବିଷୟଗୁଡିକ...ଆପଣ ହୁଏତ ଆଲୋକରେ ଚାଲିବେ ନତୁବା ଅନ୍ଧ ହୋଇଯିବେ । ଆଲୋକ ଅନ୍ଧ କରି ଦିଏ, କିମ୍ବା ନଚେତ ରାସ୍ତା ଦେଖାଇଥାଏ ।

88 ମୁଁ ଷ୍ଟାଚ୍ୟୁ ଅଫ୍ ଲିବର୍ଟିରେ, ଛୋଟ ଛୋଟ ପକ୍ଷୀମାନଙ୍କୁ, ପାଇଲି । ତାହା ଦେଖିବାରେ ସୁନିଶ୍ଚିତ ହେବେ, ଭାଇ ଥୋମସ୍, ଯେତେବେଳେ ଆପଣ ଉପରକୁ ଯାଆନ୍ତି, ବୁଝିଲେ । ସେମାନେ ସେଠାରେ ତାହା ବିରୁଦ୍ଧରେ, ସେମାନଙ୍କର ମସ୍ତିଷ୍କକୁ ପିଟନ୍ତି । ଏବଂ ମୁଁ କହିଲି, "ମାମଲାଟି କଅଣ?"

89 କହିଲେ, "ଝଡ଼ରେ, ଆଲୋକକୁ ଅନୁସରଣ କରି, ନିରାପତ୍ତାକୁ ଯିବା ପରିବର୍ତ୍ତେ, ସେମାନେ ଆଲୋକକୁ ଲଢେଇ କରି ପରାଜିତ କରିବାକୁ ଚେଷ୍ଟା କରିଥିଲେ । ସେମାନେ ନିଜକୁ ମାରି ପକାନ୍ତି ।"

90 ତାହାହିଁ ଏକମାତ୍ର ବିଷୟ ଯାହା ଘଟିଥାଏ ଯେତେବେଳେ ଆପଣ ଆଲୋକ ବିରୁଦ୍ଧରେ ଲଢେଇ କରିବାକୁ ଯାଆନ୍ତି, ଆପଣ ଆତ୍ମିକ ଭାବରେ ନିଜକୁ ମାରି ପକାନ୍ତି । ଆଲୋକରେ କେବଳ ଚାଲନ୍ତୁ ଯେପରି ସେ ଆଲୋକରେ ରହିଛନ୍ତି, ତାହାହେଲେ ଯାଇ ଆମେ ପରସ୍ପର ଜଣେ ଅନ୍ୟ ସହିତ ସହଭାଗିତା କରିବା, ସମସ୍ତ ମଣ୍ଡଳୀ ବିଶ୍ୱାସ କରିବେ ଏବଂ ଆଗକୁ ବଢିବେ ଏବଂ ପରମେଶ୍ୱରଙ୍କ ଆଶୀର୍ବାଦକୁ ଉପଭୋଗ କରିବେ । କଅଣ ତାହା ଅଦ୍ଭୁତ ହେବ ନାହିଁ କି?

91 ସେହି ଶମିରୋଣୀୟ ସ୍ତ୍ରୀକୁ ଦେଖନ୍ତୁ ଯେତେବେଳେ ସେ ଆସିଲା । ସେ ଜଣେ ଶମିରୋଣୀୟ, ବର୍ତ୍ତମାନ (ଯିହୁଦୀ ନୁହେଁ), ଜଣେ ଶମିରୋଣୀୟ ଥିଲା । ଏବଂ ଯୀଶୁ କହିଲେ, "ମୋ ନିମନ୍ତେ ପାନ କରିବା ପାଇଁ ଜଳ ଆଣ ।" ଏବଂ ସେହି ବାର୍ତ୍ତାଳାପ ଚାଲିଲା ।

ଏହା ବର୍ତ୍ତମାନ ନବାଗତମାନଙ୍କ ପାଇଁ ଅଟେ ।

92 ଏବଂ ବାର୍ତ୍ତାଳାପ ଚାଲି ରହିଲା । ତେବେ, ସେହି ସ୍ତ୍ରୀ ତାଙ୍କୁ କୌଣସି ମଶୀହ ବୋଲି ଜାଣି ନ ଥିଲେ । ସେ କେବଳ ଜଣେ—ଜଣେ ପୁରୁଷ, ଜଣେ ଯିହୂଦୀ ଥିଲେ । ଦେଖନ୍ତୁ ସେ ପ୍ରଥମେ କିପରି କହିଲା? ସେ କହିଲା, "କାହିଁକି, ତୁମ ଯିହୁଦୀମାନଙ୍କ ପାଇଁ ଏହିପରି ଜଣେ ଶମିରୋଣୀୟ ସ୍ତ୍ରୀଙ୍କ ସହ କଥା ହେବା ପ୍ରଥା ନୁହେଁ ।" ସେ କହିଲା, "ଆମର ପରସ୍ପର ଜଣେ ଅନ୍ୟ ସହିତ କୌଣସି ବ୍ୟବହାର ନାହିଁ ।"

93 ସେ କହିଲେ, "ମାତ୍ର ଯଦି ତୁମେ ଜାଣିଥାନ୍ତ ଯେ ତୁମେ କାହା ସହିତ କଥାବାର୍ତ୍ତା କରୁଅଛ, ତେବେ ତୁମେ ମୋତେ ଜଳ ପାନ ନିମନ୍ତେ ମାଗିଥାନ୍ତ । ଏବଂ ମୁଁ ତୁମକୁ ଆଣି ଦେଇଥାନ୍ତି, ତୁମକୁ ଜଳ ଦେଇଥାନ୍ତି, ଯାହା ଟାଣିବା ପାଇଁ ତୁମକୁ ଏଠାରେ ଆସିବାକୁ ପଡ଼େ ନାହିଁ ।"

94 କାହିଁକି, ସେ କହିଲା, "ବର୍ତ୍ତମାନ ମାତ୍ର ଗୋଟିଏ ମିନିଟ୍ ।" ସେ କହିଲା, "ଆମେ ଏହି ପର୍ବତରେ ଉପାସନା କରୁ, ଏବଂ—ଏବଂ ତୁମେ ଯିହୂଦୀମାନେ ଯିରୁଶାଲମରେ ଉପାସନା କର ।"

95 ଯୀଶୁ କହିଲେ, "ମାତ୍ର ସମୟ ଆସୁଛି ଯେତେବେଳେ—ଯେତେବେଳେ ତୁମେ ଯିରୁଶାଲମ କିମ୍ବା ଏହି ପର୍ବତରେ ଉପାସନା କରିବ ନାହିଁ, ମାତ୍ର ଆତ୍ମାରେ ଉପାସନା କରିବ । କାରଣ ପରମେଶ୍ୱର ଏକ ଆତ୍ମା ଅଟନ୍ତି, ଏବଂ ଯେଉଁମାନେ ତାହାଙ୍କୁ ଉପାସନା କରନ୍ତି ଆତ୍ମା

ଓ ସତ୍ୟରେ ତାହାଙ୍କର ଉପାସନା କରିବା ଉଚିତ୍ ।” ବୁଝିଲେ? ତେବେ, ସେ ଆଗକୁ ବଢିଲେ, ସେହି କଥାବାର୍ତ୍ତାକୁ କରି ଚାଲିଲେ ଯେପର୍ଯ୍ୟନ୍ତକି ସେ ଏହା ଜାଣି ନ ନେଲେ ଯେ ସେହି ସ୍ତ୍ରୀର ସମସ୍ୟା କେଉଁଠାରେ ଥିଲା । କଅଣ, ଆପଣ ଜାଣିଛନ୍ତି ଯେ ତାର ସମସ୍ୟା କେଉଁଠାରେ ଥିଲା? କଅଣ କେହି ଜାଣିଛନ୍ତି ଯେ କୂଅରେ ଥିବା ସେହି ସ୍ତ୍ରୀ ସହିତ କି ମାମଲା ଥିଲା? ତାହାର ବହୁତ ସ୍ୱାମୀ ଥିଲେ, ନୁହେଁ କି? ତେଣୁ ଯୀଶୁ ତାଙ୍କୁ କହିଲେ, “ଯାଅ ତୁମ ସ୍ୱାମୀକୁ ନେଇ ଏଠାକୁ ଆସ ।”

ସେ କହିଲା, “ମୋର କୌଣସି ସ୍ୱାମୀ ନାହିଁ ।”

96 ଯୀଶୁ କହିଲେ, “ତାହା ଠିକ୍ ଅଟେ । ତୁମର ପାଞ୍ଚୋଟି ଥିଲେ, ଏବଂ ବର୍ତ୍ତମାନ ତୁମେ ଯାହା ସହିତ ରହୁଅଛ ସେ ମଧ୍ୟ ତୁମର ନୁହେଁ ।”

97 ସେ କହିଲା, “ମହାଶୟ!” ବର୍ତ୍ତମାନ ତାକୁ ଦେଖନ୍ତୁ । “ମହାଶୟ, ମୁଁ ଜାଣି ପାରୁଛି ଯେ ଆପଣ ଜଣେ ଭବିଷ୍ୟଦ୍‌ବକ୍ତା ଅଟନ୍ତି ।”

ଯଦି ଆପଣ ସେହି ସୀମାନ୍ତ ପଠନକୁ ଦେଖିବେ, ଆପଣ ପାଇବେ । “ମହାଶୟ,” ମୂଳରେ, “ଆପଣ, ମୁଁ ଜାଣି ପାରୁଛି, ଯେ ଆପଣ ସେହି ଭବିଷ୍ୟଦ୍‌ବକ୍ତା ଅଟନ୍ତି ।” ମନେରଖନ୍ତୁ, ଯେ ବାଇବଲରେ, ଏହା କ୍ରମାଗତ କହିଥାଏ, “ସେହି ଭବିଷ୍ୟଦ୍‌ବକ୍ତା, କଅଣ ତୁମେ ‘ସେହି ଭବିଷ୍ୟଦ୍‌ବକ୍ତା’?” ଏହା କେଉଁ ଭବିଷ୍ୟଦ୍‌ବକ୍ତା ଥିଲେ? ସେହି ଜଣକା ଯାହା ବିଷୟରେ ମୋଶା କହିଥିଲେ ଯେ ଉଠା କରାଇବେ ।

“ମୁଁ ଜାଣି ପାରୁଛି ଯେ ଆପଣ ଜଣେ ଭବିଷ୍ୟଦ୍‌ବକ୍ତା । ତେବେ, ଆମେ ଶିକ୍ଷା ପାଇଅଛୁ, ଏବଂ ଆମେ ଜାଣୁ ଯେ ଯେତେବେଳେ ମଶୀହ ଆସିବେ, ସେ ଏହିସବୁ ବିଷୟ କରିବେ ।” ତାହା ମଶୀହଙ୍କର ଚିହ୍ନ ଥିଲା । କଅଣ ତାହା ଠିକ୍ ଅଟେ? ଏହା ଜାଣିବା ଯେ ତାହାର ସମସ୍ୟା କଅଣ ଥିଲା । କହିଲା, “ଆମେ ଜାଣୁ ଯେତେବେଳେ ମଶୀହ ଆସିବେ, ସେ ଆମକୁ ଏହିସବୁ କଥା କହିବେ । କିନ୍ତୁ ଆପଣ କିଏ?”

ସେ ଉତ୍ତର ଦେଲେ, “ତୁମ୍ଭ ସହିତ କଥା କହୁଅଛି ଯେ ମୁଁ, ମୁଁ ସେହି ଅଟେ ।”

98 ସେହି ସ୍ତ୍ରୀ ତାର ଜଳପାତ୍ରକୁ ଛାଡି, ନଗର ମଧ୍ୟକୁ ଦୌଡ଼ିଗଲା, ମୁଁ କଳ୍ପନା କରୁଛି, କେବଳ ତାର ହୃଦୟକୁ ଧରିଥାଏ, ଏବଂ କହୁଥାଏ, ନିଜ ହାତକୁ ନିଜର ବକ୍ଷସ୍ଥଳରେ ଧରି କେବଳ ଡେଇଁ ପଡି, କହୁଥାଏ, “ଆସ, ଜଣେ ବ୍ୟକ୍ତିଙ୍କୁ ଦେଖ, ଯିଏ ମୋତେ ଯାହାସବୁ ମୁଁ କରିଛି ତାହା କହି ଦେଲେ । ଏହା କଅଣ ସେହି ମଶୀହ ନୁହଁନ୍ତି କି? ଏହା କଅଣ ସେହି ଜଣକା ନୁହଁନ୍ତି କି ଯାହା ବିଷୟରେ ବାଇବଲ କୁହେ ଯେ ସେ ଆସିବେ? ଏହା ତ ସେଠାରେ ଜଣେ ଯିହୁଦୀ ବସିଛନ୍ତି, କେବଳ ଜଣେ ସାଧାରଣ ମନୁଷ୍ୟ, ଜଣେ ବଢେଇ ପରି ଦିଶୁଛନ୍ତି । ମାତ୍ର ସେ ମୋତେ କହିଲେ ଯେ ମୋର ପାଞ୍ଚ ଜଣ ସ୍ୱାମୀ ଅଛନ୍ତି, ଏବଂ ଆପଣ ସମସ୍ତେ ଜାଣନ୍ତି ଯେ ତାହା ସତ୍ୟ ଅଟେ । ଏହା ଖ୍ରୀଷ୍ଟ ହେବା ଆବଶ୍ୟକ ।” କଅଣ ତାହା ଠିକ୍ କି?

99 ତେବେ ଯୀଶୁ କହିଲେ, "ଅଳ୍ପ ସମୟ, ସମୟର ଅଳ୍ପ ଅନ୍ତରାଳ, ଜଗତ ମୋତେ ଆଉ ଦେଖିବ ନାହିଁ। ତଥାପି, ତୁମେ ମୋତେ ଦେଖିବ, କାରଣ ମୁଁ ତୁମ ସହିତରେ ରହିବି, ଏପରିକି ତୁମ ଅନ୍ତରରେ ରହିବି। ଏବଂ ସେହି କାର୍ଯ୍ୟଗୁଡିକ ଯାହା ମୁଁ କରେ ତୁମେ ମଧ୍ୟ କରିବ। ଏପରିକି ତାହାଠାରୁ ଅଧିକ ଯାହା ମୁଁ ଏଠାରେ କରିଅଛି, ତୁମେମାନେ କରିବ, କାରଣ ମୁଁ ପିତାଙ୍କ ନିକଟକୁ ଯାଉଅଛି, ଆତ୍ମା ରୂପରେ ଫେରି ଯାଉଅଛି।"

ବଳିଦାନ ଦିଆ ଯାଇସାରିଛି। ସେହି ରାଜକୀୟ ବଂଶ ମୃତ୍ୟୁବରଣ କଲେ; ସେହି ରାଜକୀୟ ବଂଶ ପୁଣିଥରେ ବଞ୍ଚି ଉଠିଲେ। ବର୍ତ୍ତମାନ ମଣ୍ଡଳୀ ତାହା ବିଶ୍ୱାସ କରି, ଧାର୍ମିକ ଗଣିତ ହୋଇ ଛିଡା ହୋଇଅଛି, ଏବଂ ସେହି ରାଜକୀୟ ବଂଶ ଏହି ଲୋକମାନଙ୍କ ନିକଟକୁ ଆସିପାରନ୍ତି ଏବଂ ଏପରିକି ସେମାନଙ୍କୁ ମିଳିତ ଉତ୍ତରାଧିକାରୀ, ପରମେଶ୍ୱରଙ୍କ ପୁତ୍ର ଏବଂ କନ୍ୟା କରିପାରନ୍ତି।

100 ତେବେ, ସେଠାରେ ଥିବା ଅବଶିଷ୍ଟ ଆପଣମାନେ, ଯେଉଁମାନେକି ଏହି ପ୍ରାର୍ଥନା ପଂକ୍ତିରେ ନାହାଁନ୍ତି, ମୁଁ ତାଙ୍କୁ କହିଥିଲି ଯେ କେବଳ ସେହି ଲୋକମାନଙ୍କୁ କାର୍ଡ ଦେବା ପାଇଁ ଯିଏକି...ଯେତେବେଳେ ମୁଁ ଆଜି ସକାଳେ ତାଙ୍କୁ ଡାକି କହିଥିଲି। ସେ ମୋତେ ଡାକି, କହିଲେ, "ବାପା, କଅଣ ତୁମେ ଚାହୁଁଛ ଯେ ତଳକୁ ଯାଇ କିଛି କାର୍ଡ ଦେଇ ଦିଏ?"

101 ମୁଁ କହିଲି, "ଯଦି ସେଠାରେ ଦଶ ଜଣ ଲୋକ ଅଛନ୍ତି, ଯେଉଁମାନେକି ଆରାଧନାଳୟରୁ ବାହାରୁ ଅଟନ୍ତି।"

102 ବର୍ତ୍ତମାନ, ବେଳେବେଳେ ଆରାଧନାଳୟରେ ମୁଁ ଡାକିଥାଏ ଏବଂ ସେମାନଙ୍କୁ ପ୍ରାର୍ଥନା କାର୍ଡ ଦେଇଥାଏ। ଆପଣ ଫେରି ଆସି, କୁହନ୍ତି, "ତେବେ, ସେ ସେମାନଙ୍କୁ ଜାଣିଥିଲେ। ସେମାନେ ଆରାଧନାଳୟରୁ ଥିଲେ। ସେ ସେମାନଙ୍କର ଅବସ୍ଥା ଜାଣିଥିଲେ। ନିଶ୍ଚିତରେ।"

103 ତେବେ ମୁଁ ବୁଲି ପଡ଼ି, ମୁଁ କହିଥାଏ, "କେବଳ ଆରାଧନାଳୟରୁ ବାହାରେ ଥିବା ଲୋକମାନେ, ଆସନ୍ତୁ। ଠିକ୍ ଅଛି। ଆରାଧନାଳୟରୁ ବାହାରେ ଥିବା ଆପଣମାନେ, ଆପଣମାନେ ହିଁ ପ୍ରାର୍ଥନା ଧାଡିରେ ରହିବେ।"

104 "ଓଃ, ଆମେ ତ ସେମାନଙ୍କୁ ଜାଣିନାହୁଁ," ଆରାଧନାଳୟ କୁହନ୍ତି। "ଆମେ ଜାଣି ନାହୁଁ ଯେ ସେମାନଙ୍କର ସମସ୍ୟା କଅଣ ଅଟେ। ସେ ହୁଏତ ଏହା ବିଷୟରେ ମିଛ କହୁଥିବେ।" ବୁଝିଲେ?

105 ତାହାପରେ ମୁଁ କୁହେ, "କେହି ଆସନ୍ତୁ ନାହିଁ। ତେବେ ପବିତ୍ରଆତ୍ମା କେବଳ ଏଠାରେ ଥିବା ସେହିମାନଙ୍କୁ ବାଛନ୍ତୁ ଯେଉଁମାନେକି ଆରାଧନାଳୟରୁ ନୁହଁନ୍ତି, କେବଳ ସେଠାରେ ବସିଛନ୍ତି।" ତଥାପି, ଆପଣ କେବଳ...

106 ଜଣେ ମନୁଷ୍ୟକୁ ପରମେଶ୍ୱରଙ୍କ ନିକଟକୁ ଆଣିବାର, ଆଦୌ କୌଣସି ଉପାୟ ହିଁ ନାହିଁ, ଯେପର୍ଯ୍ୟନ୍ତକି ସେ ପରମେଶ୍ୱରଙ୍କ ପୁତ୍ର ହେବା ନିମନ୍ତେ ପୂର୍ବରୁ ନିରୂପିତ ନୁହେଁ। ଏହା କରିବାର କୌଣସି ଉପାୟ ହିଁ ନାହିଁ। ଯୀଶୁ କହିଲେ, "କେହି ମୋ ପାଖକୁ ଆସିପାରେ ନାହିଁ

ଯେପର୍ଯ୍ୟନ୍ତକି ମୋ ପିତା ତାକୁ ଆକର୍ଷିତ ନ କରନ୍ତି।" ଏବଂ ତାହା ସତ୍ୟ ଅଟେ। ଯାହାସବୁ ସେ କଲେ, ସେଠାରେ କିଛି ବିରୁଦ୍ଧାତ୍ମକ ବିଷୟ ରହିଥିଲା। "ଯଦି ସେ ଏହାକୁ *ଏହିପରି* ଭାବରେ କଲେ, ଏହା *ଏହିପରି* ଭାବରେ ହେବା ଉଚିତ୍ ଥିଲା। ଏବଂ *ଏହିପରି* ଭାବରେ, ଏହା *ସେହିପରି* ଭାବରେ ହେବା ଉଚିତ୍ ଥିଲା।" ଦେଖନ୍ତୁ, ଏହା କେବଳ ଅବିଶ୍ୱାସ ଅଟେ। ମାତ୍ର ଜ୍ଞାନ ତାହାର ସନ୍ତାନମାନଙ୍କ ଦ୍ୱାରା ଯଥାର୍ଥ ପ୍ରତିପାଦିତ କରାଯାଇଛି। ତେଣୁକରି, ଆପଣ, ଆପଣ ଦେଖନ୍ତୁ।

107 ବର୍ତ୍ତମାନ ଏଠାରେ, ମୁଁ ଲୋକମାନଙ୍କର ଏହି, ଏହି ମଣ୍ଡଳୀକୁ—କୁ ଏହା କହିବାକୁ ଚେଷ୍ଟା କରୁଅଛି, ଯେ ଯୀଶୁ ଖ୍ରୀଷ୍ଟ ସେହି ରାଜକୀୟ ବଂଶ ଥିଲେ। ଏହା ଆମେ ନୋହୁଁ; ଏହା ତ ସେ ଅଟନ୍ତି। ଆମେ ତ କେବଳ ତାହାର ଉତ୍ତରାଧିକାରୀ ଅଟୁ, ମାତ୍ର ସବୁ ଜିନିଷ ଆମର ଅଟେ। କଅଣ ହୋଇଥାନ୍ତା ଯଦି ଆପଣ ସେଦିନ ସେଠାରେ ଛିଡା ହୋଇଥାନ୍ତେ ଯେତେବେଳେ ଶିମୋନ ଆସିଥିଲେ? ଏବଂ, ଆପଣ, କେହି ନୁହଁ... ଏହା ସେହି ପ୍ରଥମ କାର୍ଯ୍ୟ ଥିଲା ଯାହା ସେ କେବେ କରିଥିଲେ।

108 ତେବେ, ତାହାହିଁ ଏହି ଲୋକମାନଙ୍କ ପାଇଁ ପ୍ରଥମ ବିଷୟ ହେବ, ଯଦି ସେ ଏହା କରନ୍ତି। ସେମାନେ ଏହାକୁ ପୂର୍ବରୁ କେବେ ଦେଖି ନାହାଁନ୍ତି।

109 ମାତ୍ର ଯେତେବେଳେ ଶିମୋନ ଆସିଲେ, ଜଣେ ପୁରୁଣା ମତ୍ସ୍ୟଜୀବୀ, ତାଙ୍କ ନିଜର ନାମକୁ ଏକ କାଗଜରେ ଦସ୍ତଖତ କରିବା ନିମନ୍ତେ ସୁଦ୍ଧା ଯଥେଷ୍ଟ ଶିକ୍ଷା ନ ଥିଲା। ବାଇବଲ କୁହେ ଯେ ସେ "ଅଜ୍ଞ ଏବଂ ଅଶିକ୍ଷିତ" ଥିଲେ। ଏବଂ ଏକ ସଂଯୋଗ ଅଟେ। ଉଭୟ, "ଅଜ୍ଞ ଏବଂ ଅଶିକ୍ଷିତ।" ଏବଂ ତାହାପରେ ଯେତେବେଳେ ସେ ଚାଲି କରି ଆସିଲେ, ଚିହ୍ନରେ, ଏକ ଶକ୍ତି... ଯୀଶୁ, ଯୀଶୁ କହିଲେ, "ତୁମର ନାମ ଶିମୋନ।" ଆପଣ କଅଣ ଭାବୁଛନ୍ତି ସେ କଅଣ ଭାବିଥିବେ? ଯଦି ଆପଣ ସେଠାରେ ଛିଡା ହୋଇଥାନ୍ତେ ତେବେ ଆପଣ କଅଣ ଭାବିଥାନ୍ତେ? "ଏବଂ ତୁମର ପିତାଙ୍କ ନାମ ଯୁନସ। ଏବଂ ବର୍ତ୍ତମାନଠାରୁ ତୁମେ ପିତର ବୋଲି କୁହାଯିବ।" ଆପାଣ କଅଣ—କଅଣ ଭାବିଥାନ୍ତେ? କଅଣ ସେହି ବ୍ୟକ୍ତି ତାଙ୍କ ମନ ପଢୁଥିଲେ କି? ତେବେ, ଆପଣ କଅଣ ଭାବିଥାନ୍ତେ? କଅଣ ଆପଣ ଭାବିଥାନ୍ତେ ଯେ ତାହା ମଶୀହଙ୍କର ଚିହ୍ନ ଥିଲା?

110 ଯଦି ତାହା ଗୋଟିଏ ଯୁଗରେ ମଶୀହଙ୍କ ଚିହ୍ନ ଅଟେ, ତାହାହେଲେ ଏହାକୁ ଦ୍ୱିତୀୟ ଯୁଗ, ତୃତୀୟ ଯୁଗ, ଚତୁର୍ଥ ଯୁଗରେ, ମଶୀହଙ୍କ ଚିହ୍ନ ହେବାକୁ ପଡ଼ିବ। ପ୍ରତ୍ୟେକ ଯୁଗରେ ଠିକ ସେହିପରି ସମାନ ହେବାକୁ ଅଛି, କାରଣ ପରମେଶ୍ୱର ପରିବର୍ତ୍ତନ ହୋଇପାରନ୍ତି ନାହିଁ। ଏବଂ କେତେ ଜଣ ଜାଣନ୍ତି ଯେ ମଶୀହ ପରମେଶ୍ୱର ଥିଲେ? ନିଶ୍ଚିତରେ। ଏହା ସେହି ଅଭିଷିକ୍ତ ଜଣ ଥିଲେ। ନିଶ୍ଚିତରେ। ତେଣୁ ସେ ପରିବର୍ତ୍ତନ ହୋଇପାରନ୍ତି ନାହିଁ। ତାହାଙ୍କୁ ତ ସମାନ ରହିବାକୁ ପଡିବ।

111 ସେହି କାରଣରୁ ତାହାଙ୍କୁ ଶମିରୋଣୀୟମାନଙ୍କ ପାଖରେ ଠିକ ସେହି ସମାନ

ବିଷୟର ସାକ୍ଷୀ ହେବାକୁ ପଡିଥିଲା ଯାହା ସେ ଯିହୁଦୀମାନଙ୍କ ପ୍ରତି ହୋଇଥିଲେ । କାରଣ, ଲୋକମାନଙ୍କର ତିନୋଟି ଜାତି ହେଉଛି ହାମ, ଶେମ ଏବଂ ଯାଫେତର ଲୋକମାନେ; ଯିହୁଦୀ, ବିଜାତୀ, ଏବଂ ଶମିରୋଣୀୟ ।

112 ବର୍ତ୍ତମାନ, କଅଣ ଆପଣମାନେ ପବିତ୍ରଆତ୍ମାକୁ ଲକ୍ଷ୍ୟ କଲେ କି? କେତେ ଜଣ ଜାଣନ୍ତି ଯେ ପିତରଙ୍କ ପାଖରେ ରାଜ୍ୟର ଚାବି ଥିଲା? କଅଣ ଆପଣ ଧ୍ୟାନ ଦେଲେ କି? ସେ ଏହାକୁ ପେଣ୍ଟିକଷ୍ଟ ଦିନରେ, ଯିହୁଦୀମାନଙ୍କ ପାଇଁ ଖୋଲିଥିଲେ । ଫିଲିପ୍ପ ତଳକୁ ଯାଇ ଶମିରୋଣୀୟମାନଙ୍କ ନିକଟରେ ପ୍ରଚାର କଲେ, ଏବଂ ସେମାନଙ୍କୁ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ବାପ୍ତିଜିତ କଲେ, ମାତ୍ର ପବିତ୍ରଆତ୍ମା ଏପର୍ଯ୍ୟନ୍ତ ସେମାନଙ୍କ ଉପରେ ଆସି ନ ଥିଲେ । ସେମାନଙ୍କୁ ଲୋକ ପଠାଇ ପିତରଙ୍କୁ ଡକାଇ ଆଣିବାକୁ ଥିଲା, ଯିଏକି ସେମାନଙ୍କ ଉପରେ ନିଜର ହାତ ରଖିଲେ ଏବଂ ସେମାନେ ପବିତ୍ରଆତ୍ମା ପ୍ରାପ୍ତ ହେଲେ । କଅଣ ତାହା ଠିକ୍ ଅଟେ? ଏବଂ କର୍ଣ୍ଣୀଲିୟଙ୍କ ଘର, ସେହି—ସେହି ବିଜାତୀମାନେ ଏହାକୁ ଗ୍ରହଣ କରିଥିଲେ । ତାହାହିଁ ସବୁକିଛି ଥିଲା । ସେହି ସମୟଠାରୁ, ସେ ବର୍ତ୍ତମାନ ସମସ୍ତଙ୍କ ପାଇଁ ଉନ୍ମୁକ୍ତ ଅଟେ । ତେଣୁକରି ଦେଖନ୍ତୁ, ଆପଣ ସେଠାରେ ଅଛନ୍ତି, ତାହାଙ୍କୁ ଏହା ଖୋଲିବାକୁ ପଡିଥିଲା । ପରମେଶ୍ୱରଙ୍କଠାରେ କାର୍ଯ୍ୟ କରିବାର ଉପାୟମାନ ଅଛି ।

113 ତେବେ, ଆଜି ସକାଳେ, ଯଦି ଏହି ଜଣକ ଯିଏକି ସେହି ବଂଶକୁ ପ୍ରତିଜ୍ଞା ଦେଇଥିଲେ, ଏବଂ ଯଦି ସେହି ବଂଶ ଏଠାରେ ବସିଅଛି…ମୁଁ ଏହା ବିଶ୍ୱାସ କରିବାକୁ ଚାହେଁ ଯେ ଆପଣ ସମସ୍ତେ ଅଟନ୍ତି । ଯଦି ସେହି ବଂଶ ଏଠାରେ ବସିଛନ୍ତି, ନିଶ୍ଚିତ ଭାବରେ ସେହି ବଂଶ ସେହି ପ୍ରତିଜ୍ଞାକୁ ଦେଖିବେ । ବର୍ତ୍ତମାନ, ଏଠାରେ ଛିଡା ହୋଇଥିବା ଏହି ପ୍ରତ୍ୟେକ ଜଣ ବ୍ୟକ୍ତି ନିଜର ହାତ ଉଠାଇଛନ୍ତି, ଏପରିକି ସେମାନେ ଏହା ପୂର୍ବରୁ କଦାପି ସଭାଗୁଡ଼ିକରେ ରହି ନାହାଁନ୍ତି । ସେମାନେ ମୋ ପାଇଁ ଅପରିଚିତ ଅଟନ୍ତି । ମୁଁ ସେମାନଙ୍କ ମଧ୍ୟରୁ ଜଣକାକୁ ବି ଜାଣେ ନାହିଁ । ସେମାନେ କେବଳ ଏଠାକୁ ଆସିଛନ୍ତି । ଏବଂ କିଛି ମିନିଟ୍ ପୂର୍ବରୁ, ବିଲି ସେମାନଙ୍କୁ ଏକ ପ୍ରାର୍ଥନା କାର୍ଡ ଦେଇଛନ୍ତି, ଏବଂ ସେମାନେ ଏଠାରେ ଛିଡା ହୋଇଛନ୍ତି । ସେଠାରେ ଆପଣମାନେ ବହୁତ ଲୋକ ଅଛନ୍ତି, ଯେଉଁମାନେକି ନିଜର ହାତ ଉଠାଇଥିଲେ, ଯେ ଆପଣମାନଙ୍କ ପାଖରେ ପ୍ରାର୍ଥନା କାର୍ଡ ନାହିଁ, ଏବଂ ଆପଣ ତଥାପି ଏଠାରେ ଅପରିଚିତ ଥିଲେ । ଏହାର ତାହା ସହିତ କୌଣସି ସମ୍ପର୍କ ନାହିଁ । ଆପଣ କେବଳ ବିଶ୍ୱାସ କରନ୍ତୁ ଯେ ଆପଣ ସେହି ପ୍ରତିଜ୍ଞାର ଉତ୍ତରାଧିକାରୀ ଅଟନ୍ତି । ଆପଣ କେବଳ ବିଶ୍ୱାସ କରନ୍ତୁ ଯେ ତାହାଙ୍କ କୋରଡାଘାତ ଦ୍ୱାରା ଆପଣ ସୁସ୍ଥ ହୋଇଛନ୍ତି । ଏବଂ ଏହାକୁ ଆପଣା ସମ୍ପୂର୍ଣ୍ଣ ହୃଦୟ ସହିତ ବିଶ୍ୱାସ କରନ୍ତୁ, ଏବଂ ତାହାଙ୍କୁ ଲକ୍ଷ୍ୟ କରନ୍ତୁ ।

114 ଏହି ବରଦାନଟି କେବଳ ଯେଉଁ ବିଷୟ ଅଟେ ତାହା ହେଉଛି, କେବଳ ଆପଣାକୁ ତାହାଙ୍କ ନିକଟରେ ସମର୍ପଣ କରିବା । ମୁଁ କିଛି କହେ ନାହିଁ; ସେ ହିଁ କଥାବାର୍ତ୍ତା କରନ୍ତି । ଏବଂ ଯଦି ଏହା ତାହାଙ୍କର ଭବିଷ୍ୟତ୍‌ବାଣୀର ଆତ୍ମା ଅଟେ, ତାହାହେଲେ ଭବିଷ୍ୟଦ୍‌ବକ୍ତାଙ୍କ ପାଖରେ ସର୍ବଦା **ସଦାପ୍ରଭୁ ଏହି କଥା କୁହନ୍ତି** ରହିଥିଲା । ଏହ ସର୍ବଦା ସତ ହେଉଥିଲା । ଏବଂ

ଶିକ୍ଷା ଉପରେ ପ୍ରଶ୍ନ କରନ୍ତୁ ନାହିଁ, କାରଣ ଏହା ଯଦି ସେହି ପରମେଶ୍ୱର ଅଟନ୍ତି, ତାହାହେଲେ ଏହାକୁ ବାଇବଲ ସହିତ ସହମତ ହେବାକୁ ହିଁ ଅଛି। ପରମେଶ୍ୱର କୌଣସି ବିଷୟ କହି, ତତ୍ପରେ ତାହା ଉପରେ ପଶ୍ଚାତଗମନ କରିପାରନ୍ତି ନାହିଁ, ଏବଂ ଏହାକୁ ଘୁରାଇ ଦେଇପାରନ୍ତି ନାହିଁ। ଏହାକୁ ତ ସଦାସର୍ବଦା ସବୁ ସମୟରେ ସେହି ସମାନ ବିଷୟ ହିଁ ହେବାକୁ ଅଛି।

115 ବର୍ତ୍ତମାନ, ଆପଣମାନେ ସେଠାରେ, ଆପଣ ବିଶ୍ୱାସ କରନ୍ତୁ। ଆପଣଙ୍କ ଭିତରେ ଥିବା ସମସ୍ତ କିଛି ବିଷୟ ସହିତ, ଆପଣ ବିଶ୍ୱାସ କରନ୍ତୁ। ତେବେ ଆଉ ଏପାଖ ସେପାଖ ଘୁରି ବୁଲନ୍ତୁ ନାହିଁ। ସମସ୍ତେ ବର୍ତ୍ତମାନ ବାସ୍ତବରେ, ଧୀର ସ୍ଥିର ଭାବରେ ବସି ରୁହନ୍ତୁ।

ଠିକ ଯେତିକି ଧୀରେ ଧୀରେ ଏବଂ ସୂକ୍ଷ୍ମ ଭାବରେ ଆପଣ ପାରନ୍ତି।

ଆଜି ସକାଳେ, ଏଠାରେ ଛିଡା ହୋଇଥିବା ପ୍ରଥମ ବ୍ୟକ୍ତି ଜଣକ, ଜଣେ ପୁରୁଷ ଅଟନ୍ତି। ତେବେ ଆମେ ଏହି ଶାସ୍ତ୍ର ନେବାକୁ ଯାଉଅଛୁ।

116 ବର୍ତ୍ତମାନ କଅଣ ଆପଣମାନେ ଦେଖୁଛନ୍ତି ଯେ ମୁଁ କେଉଁଠାରେ ଛିଡା ହୋଇଅଛି? କେତେ ଜଣ ତାହା ବୁଝିପାରୁଛନ୍ତି? ଏଠାରେ ପୁରୁଷ ଏବଂ ମହିଳାମାନେ ଏହି ସ୍ଥାନରେ ଛିଡା ହୋଇଛନ୍ତି, ଯାହାଙ୍କୁ ମୁଁ ମୋ ଜୀବନରେ କେବେ ବି, ଦୃଷ୍ଟି ପକାଇ ନାହିଁ। ସେମାନେ କେବେ ବି ସଭାରେ ଆସି ନାହାଁନ୍ତି, ଏବଂ ଆପଣ ଦେଖୁଛନ୍ତି ଯେ ସେମାନେ କେଉଁଠାରେ ଛିଡ଼ା ହୋଇଛନ୍ତି। ସେମାନେ ଜାଣି ନାହାଁନ୍ତି ଯେ କଅଣ ଘଟିବାକୁ ଯାଉଅଛି। ମୁଁ ଜାଣେ ନାହିଁ ଯେ କଅଣ ଘଟିବାକୁ ଯାଉଅଛି। ମାତ୍ର ପରମେଶ୍ୱର ଏହାର ପ୍ରତିଜ୍ଞା କରିଥିଲେ। ଅବ୍ରହାମ ଜାଣି ନ ଥିଲେ ଯେ କଅଣ ଘଟିବାକୁ ଯାଉଅଛି ଯେତେବେଳେ ସେ ଇସ୍‌ହାକଙ୍କୁ ହତ୍ୟା କରିବା ପାଇଁ ଛୁରୀ ବାହାର କରିଥିଲେ, ମାତ୍ର ପରମେଶ୍ୱର ତାଙ୍କୁ ପ୍ରତିଜ୍ଞା କରିଥିଲେ। ତାହା ଏହାକୁ ସମାଧାନ କରିଥିଲା। ସେ ତାହାକୁ ମୃତମାନଙ୍କ ମଧ୍ୟରୁ ଜଣକା ଭାବରେ ଗ୍ରହଣ କରିଥିଲେ, ଏହା ଜାଣି ଯେ ସେ ତାହାକୁ ମୃତ୍ୟୁରୁ ପୁନରୁତ୍‌ଥିତ କରିବାରେ ସକ୍ଷମ ଅଟନ୍ତି। କଅଣ ତାହା ଠିକ୍ ଅଟେ? ତେଣୁ ତାହା ଏହାକୁ ସମାଧାନ କରେ।

117 ବର୍ତ୍ତମାନ, ଏଠାରେ ଜଣେ ବ୍ୟକ୍ତି ମୋ ପାର୍ଶ୍ୱରେ ଛିଡା ହୋଇଛନ୍ତି, ମୁଁ ତାଙ୍କୁ କେବେ ବି ଦେଖି ନାହିଁ, ତାଙ୍କ ବିଷୟରେ କିଛି ଜାଣେ ନାହିଁ। ଆମେ ପରସ୍ପର ଜଣେ ଅନ୍ୟ ପାଇଁ ଅପରିଚିତ ଅଟୁ। ଆମେ ପରସ୍ପରକୁ ଜାଣୁ ନାହୁଁ। ପରମେଶ୍ୱର ଆମ ଦୁହିଁଙ୍କୁ ଜାଣନ୍ତି।

ତେବେ, ଏକ ଈଶ୍ୱରୀୟ ବରଦାନ ଦ୍ୱାରା, ଯଦି ମୁଁ କେବଳ ଜଣେ ବରଦାନ ପ୍ରାପ୍ତ ଦ୍ୱାରା...ତେବେ, ସେହି ବରଦାନଗୁଡ଼ିକ ଆପଣଙ୍କ ଭିତରେ ଜନ୍ମ ହୋଇଥାଏ। ଜଗତର ପତ୍ତନାବଧି ପୂର୍ବରୁ ପରମେଶ୍ୱର ପୂର୍ବ ନିରୂପିତ କରିଥିଲେ। କେତେ ଜଣ ତାହା ଜାଣନ୍ତି? ତେଣୁ ସେହି ବରଦାନକୁ ନେବା ପାଇଁ, ଏହା ମୋ ପାଖରେ କିଛି ବିଷୟ ହେବ ସେପରି କିଛି ନୁହେଁ। ପରମେଶ୍ୱର ହିଁ କେବଳ ତାହା ବାଛିଥିଲେ। ମୁଁ ତାହା କେବେ ବି ବାଛି ନାହିଁ। ସେ ତାହା ବାଛିଥିଲେ। ବୁଝିଲେ? ପୁରାତନ ନିୟମର ଭବିଷ୍ୟଦ୍‌ବକ୍ତାମାନଙ୍କ ପରି, ଏବଂ

ବିଭିନ୍ନ ଲୋକମାନଙ୍କ ପରି, ସେମାନେ ଏହା କରିବା ପାଇଁ, ଏହି ବିଷୟ କରିବା ପାଇଁ ପୂର୍ବରୁ ନିରୂପିତ ଥିଲେ।

118 ବର୍ତ୍ତମାନ, ଯଦି ସେହି ବ୍ୟକ୍ତି ଅସୁସ୍ଥ ଅଟନ୍ତି, ମୁଁ ତାଙ୍କୁ ସୁସ୍ଥ କରିପାରିବି ନାହିଁ। ଯଦି ସେହି ବ୍ୟକ୍ତିଙ୍କର କିଛି ପ୍ରୟୋଜନ ଅଛି, ତେବେ ଏହା ତାହା ଉପରେ ନିର୍ଭର କରେ ଯାହା ସେ ଚାହାଁନ୍ତି ଯେ ମୁଁ ତାଙ୍କୁ ସାହାଯ୍ୟ କରିପାରିବି କି ନାହିଁ। ହୋଇପାରେ ଯେ, ଯଦି ଏହା ତାଙ୍କ ପରି ଅନ୍ୟ କିଛି ଅଟେ...ଏପରି କିଛି ଅଳ୍ପ ବିଷୟ ଯାହା ମୁଁ ତାଙ୍କୁ ସାହାଯ୍ୟ କରିପାରିବି, କାହିଁକି, ମୁଁ ଏହା କରିବା ପାଇଁ ଖୁସି ହେବି। ହୋଇପାରେ ଯେ ତାଙ୍କର ଏକ କ୍ରୋଧ ସ୍ୱଭାବ ଅଛି। ବୋଧହୁଏ ସେ ଜଣେ ଖ୍ରୀଷ୍ଟିଆନ ମଧ୍ୟ ନୁହଁନ୍ତି। ହୋଇପାରେ ସେ ଜଣେ ଖ୍ରୀଷ୍ଟିଆନ ଅଟନ୍ତି। ବୋଧହୁଏ ସେ ଜଣେ ମିଥ୍ୟାବାଦୀ ଅଟନ୍ତି। ମୁଁ ଜାଣେ ନାହିଁ। କଅଣ ହୁଏ ଯଦି ସେ କେବଳ ଜଣେ ଅଦୃଶ୍ୟ ଆକ୍ରମଣକାରୀ ଅଟନ୍ତି, ଏପରି ଜଣେ ଯିଏକି ଛପି ଭିତରକୁ ପଶି ଆସେ, ଏବଂ ଏଠାକୁ ଆସି କେବଳ ନିଜକୁ ଏପରି କିଛି ଗୋଟାଏ ପରି ପ୍ରସ୍ତୁତ କରିଥାଏ? ଧ୍ୟାନ ଦିଅନ୍ତୁ ଯେ କଅଣ ଘଟିତ ହୁଏ, ଦେଖନ୍ତୁ, କେବଳ—କେବଳ ଦେଖନ୍ତୁ ଯେ କଅଣ ଘଟିତ ହୁଏ। ମୁଁ ଜାଣେ ନାହିଁ।

119 ମାତ୍ର, ଦେଖନ୍ତୁ, ଆପଣ ଏଠାରେ ଛିଡା ହୋଇଥାନ୍ତି, ତେବେ ଆପଣ ସିଦ୍ଧ ଭାବରେ ଏହା ଜାଣି ଛିଡା ହୋଇପାରନ୍ତି, ଯେ ପରମେଶ୍ୱର ଏକ ପ୍ରତିଜ୍ଞା କରନ୍ତି, ପରମେଶ୍ୱର ତାହାଙ୍କ ପ୍ରତିଜ୍ଞାକୁ ରକ୍ଷା କରନ୍ତି। ବୁଝିଲେ? ତେବେ, ଯଦି ପରମେଶ୍ୱର, ତେବେ ଠିକ ଏହି ଲୋକମାନଙ୍କ, ମଧ୍ୟରେ, ଆପଣା ପ୍ରତିଜ୍ଞାକୁ ରକ୍ଷା କରନ୍ତି, ତାହାହେଲେ କେତେଜଣ ସେଠାରେ ବସିବାକୁ ଯାଉଛନ୍ତି, ଏବଂ ଆପଣା ସମସ୍ତ ହୃଦୟ ସହିତରେ ଆପଣ ଏହାକୁ ବିଶ୍ୱାସ କରିବାକୁ ଯାଉଛନ୍ତି? ଆପଣାର ସମସ୍ତ ହୃଦୟରେ, କଅଣ ଆପଣ ବିଶ୍ୱାସ କରିବାକୁ ଯାଉଛନ୍ତି? ତାହାହେଲେ ଆପଣ କେବଳ ମୋତେ ବିଶ୍ୱାସ କରନ୍ତୁ।

120 ତେବେ ଆସନ୍ତୁ ଦେଖିବା। ଆସନ୍ତୁ ଏକ ଶାସ୍ତ୍ରାଂଶକୁ ନେବା। ବର୍ତ୍ତମାନ, ଶିମୋନ ପିତର ପ୍ରଭୁ ଯୀଶୁଙ୍କ ନିକଟକୁ ଆସିଲେ। ପ୍ରଭୁ ଯୀଶୁଙ୍କ ନିକଟରେ ପହଞ୍ଚିବା ପରେ, ପ୍ରଭୁ ଯୀଶୁ ତାଙ୍କୁ କହିଲେ ଯେ ସେ କିଏ ଥିଲେ, ଏବଂ—ଏବଂ ତାଙ୍କୁ ତାଙ୍କ ଜୀବନ ବିଷୟରେ କିଛି କହିଲେ। ତେବେ ଠିକ୍ ସେହି ସମାନ ଯୀଶୁ ଆଜି ଜୀବିତ ଅଟନ୍ତି। ସେ...କଅଣ ଆପଣ ବିଶ୍ୱାସ କରୁଛନ୍ତି ଯେ ସେ ମୃତ୍ୟୁରୁ ପୁନରୁତ୍ଥିତ ହୋଥିଲେ? କଅଣ ଆପଣ ବିଶ୍ୱାସ କରନ୍ତି ଯେ ମଶୀହର ସେହି ଆତ୍ମା ଆଜି, ମଣ୍ଡଳୀରେ ଠିକ୍ ସେହିପରି ଭାବରେ ବାସ କରେ, ଯେପରିକି ତାହା ସଦାସର୍ବଦା ରହି ଆସିଥିଲା? ଠିକ୍ ଅଛି।

121 ତେବେ, ଆପଣମାନେ ଦର୍ଶକବୃନ୍ଦଙ୍କ ଭିତରେ, ଯେଉଁମାନଙ୍କ ପାଖରେ ଏକ ପ୍ରାର୍ଥନା କାର୍ଡ ନାହିଁ, ଆପଣ ଏହି ପଟକୁ ଅନାନ୍ତୁ ଏବଂ କୁହନ୍ତୁ, "ପ୍ରଭୁ!" ଅବଶ୍ୟ, ଦର୍ଶକବୃନ୍ଦଙ୍କ ମଧ୍ୟରେ କୌଣସି ପ୍ରାର୍ଥନା କାର୍ଡ ନାହିଁ, ମୁଁ ସେଗୁଡିକୁ ସମସ୍ତଙ୍କୁ ଏଠାରେ ରଖି ଦେଇଛି। ଦର୍ଶକବୃନ୍ଦଙ୍କ ମଧ୍ୟରେ ଆପଣମାନେ କୁହନ୍ତି, "ପ୍ରଭୁ, ତୁମେ ମୋତେ ସ୍ପର୍ଶ କର।" ଖୋଜି ଦେଖନ୍ତୁ ଯେ କଅଣ ହୋଇଥାଏ। ଖୋଜି ଦେଖନ୍ତୁ ଯେ କଅଣ ଘଟିଥାଏ...?...

122 ତେବେ, ମହାଶୟ, ଯଦି ଆପଣମାନଙ୍କୁ ସାହାଯ୍ୟ କରିବାର ଜଗତରେ କୌଣସି ଏକ ଉପାୟ ରହିଥାଆନ୍ତା, ତେବେ ମୁଁ ତାହା କରିଥାନ୍ତି । ଦେଖନ୍ତୁ, ମୁଁ ତ କେବଳ, ଆମେମାନେ ଏଠାରେ କେବଳ ଅପରିଚିତ ଅଟୁ, ଏବଂ ମୁଁ—ମୁଁ ଆପଣମାନଙ୍କୁ ମୋର ପ୍ରଥମ ଥର ପାଇଁ ଭେଟୁଅଛି । ମାତ୍ର ମୁଁ ଜଣେ ସେବକ ଭାବରେ, ସତ୍ୟ କହିବା ପାଇଁ ଏବଂ ଯୀଶୁ ଖ୍ରୀଷ୍ଟଙ୍କ ସାକ୍ଷୀ ହେବା ପାଇଁ, ଉତ୍ତରଦାୟୀ ଅଟେ । ଏବଂ, ବର୍ତ୍ତମାନ, ମୁଁ ଚାହେଁ ନାହିଁ ଯେ ଆପଣ ମୋତେ କିଛି କୁହନ୍ତୁ । ମୁଁ କେବଳ ଚାହେଁ ଯେ ଆପଣ ମୋତେ ଉତ୍ତର ଦିଅନ୍ତୁ ଯେ ଏହା ସତ୍ୟ କି ନୁହେଁ, ଏବଂ ତାହାପରେ ତାହାଙ୍କୁ ଏହା କରିବାକୁ ଦିଅନ୍ତୁ । ଏବଂ ଯଦି ସେ ଏଠାରେ ଏହି ମଞ୍ଚ ଉପରେ ଠିକ ସେହି ସମାନ ଭାବରେ, ଏହି ଶରୀର ଦେଇ କାର୍ଯ୍ୟ କରିବେ, ଯେପରିକି ସେ ଯୀଶୁଙ୍କ ଶରୀର ଦେଇ ତାହା କରିଥିଲେ!

ତାହା ଖ୍ରୀଷ୍ଟଙ୍କଠାରେ, ପରମେଶ୍ୱର ଅଟନ୍ତି । ଯୀଶୁ କହିଲେ, "ମୁଁ ସେପର୍ଯ୍ୟନ୍ତ କିଛି କରେ ନାହିଁ ଯେପର୍ଯ୍ୟନ୍ତକି, ମୋ ଭିତରେ ଥିବା ପିତା, ମୋତେ ତାହା ନ ଦେଖାଇ ଦିଅନ୍ତି । କଅଣ କରିବାକୁ ଅଛି ସେ ମୋତେ କୁହନ୍ତି ।" ତେଣୁକରି ଏହା ଯୀଶୁ ନ ଥିଲେ ଯିଏକି ସେହି ସ୍ତ୍ରୀଲୋକକୁ କହିଥିଲେ । ଏହା ତ ତାହାଙ୍କଠାରେ, ପିତା ଥିଲେ, ଯିଏକି ସେହି ସ୍ତ୍ରୀଲୋକକୁ କହିଥିଲେ । ଏହା ଥିଲେ—ଯୀଶୁ ନ ଥିଲେ ଯିଏକି ଏହା ଜାଣିଥିଲେ ଯେ ଶିମୋନ ପିତର କିଏ ଥିଲେ, ଏହା ତ ତାହାଙ୍କଠାରେ ବାସ କରୁଥିବା ପିତା ଥିଲେ, ଯିଏକି ଜାଣିଥିଲେ ଯେ ଶିମୋନ ପିତର କିଏ ଥିଲେ । ଏହାହିଁ ତାହା ଅଟେ । ବୁଝିଲେ? ଏହାହିଁ ତାହା ଅଟେ ।

123 ମୁଁ ଆପଣମାନଙ୍କୁ, ବର୍ତ୍ତମାନ କହିପାରେ, ଯେ ଆପଣ ଜଣେ ଖ୍ରୀଷ୍ଟିଆନ ଅଟନ୍ତି, ହଁ, ଆଜ୍ଞା, କାରଣ ଆପଣଙ୍କ ପାଖରେ ଉଷ୍ମ ସ୍ପନ୍ଦନ କରୁଥିବା ଏକ—ଏକ—ଏକ ସ୍ୱାଗତକାରୀ ଆତ୍ମା ଅଛି । ଏବଂ, ସେ, ସେ ଜଣେ ବିଶ୍ୱାସୀ ଅଟେ । ସେ ଜଣେ ଖ୍ରୀଷ୍ଟିଆନ ଅଟେ । ଏବଂ ଆପଣ ଏକ ସ୍ନାୟୁଜନିତ ଅଧୀର ଅବସ୍ଥାରେ ପୀଡ଼ିତ ଅଟନ୍ତି ଯାହାକି ଆପଣଙ୍କୁ ପେଟରେ ଏକ ଯନ୍ତ୍ରଣା ଦେଇଥାଏ । କଅଣ ତାହା ଠିକ୍ କି? [ଭାଇ କୁହନ୍ତି, "ତାହା ଠିକ୍ ଅଟେ ।"—ସମ୍ପା ।] ବୁଝିଲେ? ବୁଝିଲେ? ବର୍ତ୍ତମାନ, ତାହା ଅବିକଳ ଠିକ୍ ଅଟେ । ତାହା କିପରି ହେଲା? ମୁଁ ତାହା କିପରି ଜାଣିଲି? ଜଗତରେ ମୁଁ ଏହା କିପରି ଜାଣି ପାରିବି? ଆମେ ତ ପୂର୍ବରୁ ପରସ୍ପରକୁ କେବେ ଦେଖି ନାହୁଁ । ତାହା ସତ ଅଟେ । କଅଣ ଏହା ନୁହେଁ କି? ["ତାହା ସତ ଅଟେ ।"] ବୋଧହୁଏ ସେ ଆପଣଙ୍କୁ ଆପଣଙ୍କ ବିଷୟରେ ଆହୁରି କିଛି କହିବେ । ମୁଁ ଆପଣଙ୍କୁ କହିବି । ଏଠାରେ କିଛି ଗୋଟାଏ ଅଛି । ମୁଁ ଆପଣଙ୍କ ପାଖରେ ଜଣେ ମହିଳାଙ୍କୁ ଦେଖୁଛି । ସେ ଆପଣଙ୍କ ସହିତରେ ଅଛନ୍ତି । ଏହା ଆପଣଙ୍କର ପତ୍ନୀ ଅଟନ୍ତି । ସେ ମଧ୍ୟ, କିଛି ସାହାଯ୍ୟ ଆବଶ୍ୟକ କରୁଛନ୍ତି । ହଁ, ଆଜ୍ଞା । କଅଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ମୋତେ ଏଠାରେ ତାହା କହିପାରିବେ ଯେ ଆପଣଙ୍କର ପତ୍ନୀଙ୍କ ସହିତ କଅଣ ସମସ୍ୟା ଅଛି? ["ମୁଁ ଜାଣେ ଯେ ସେ କରିପାରନ୍ତି ।"] ଠିକ୍ ଅଛି, ଆଜ୍ଞା । ତାଙ୍କର ହୃଦୟ ଜନିତ ସମସ୍ୟା, ଜଟିଳତା ଅଛି । ତାହା ଠିକ୍ ଅଟେ । କଅଣ ଏହା ନୁହେଁ କି? ସ୍ନାୟୁଜନିତ ସମସ୍ୟା, ମଧ୍ୟ ଅଛି । ହଁ, ଆଜ୍ଞା । ବର୍ତ୍ତମାନ, ଆପଣ ଏହି ସହରରୁ ନୁହଁନ୍ତି । ଆପଣ ଏହି ମାର୍ଗ ଦେଇ ଫେରିଯାଆନ୍ତି

ଯେତେବେଳେ ଆପଣ ଘରକୁ ଗଲାବେଳେ, ସିନ୍‌ସିନାଟି ଦେଇ ଯାଆନ୍ତି। ତାହା ଠିକ୍ ଅଟେ। ଆପଣ ଓହାୟୋର, ସିନ୍‌ସିନାଟିରୁ ଅଟନ୍ତି। ଆପଣଙ୍କର ନାମ ହେଉଛି ମିଲିକେନ୍। ଫେରିଯାଆନ୍ତୁ, ଘରକୁ ଯାଆନ୍ତୁ, ଭଲ ହୁଅନ୍ତୁ। ପ୍ରଭୁ ଆପଣଙ୍କୁ ଆଶୀର୍ବାଦ କରିବେ ଏବଂ ଆପଣ ସୁସ୍ଥ ହୋଇଯିବେ, ଆପଣ ଓ ଆପଣଙ୍କର ପତ୍ନୀ। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ।

ଆସନ୍ତୁ, ଆଜ୍ଞା। କଅଣ ଆପଣ ବିଶ୍ୱାସ କରନ୍ତି କି? ତେବେ କେବଳ ବିଶ୍ୱାସ ରଖନ୍ତୁ। ସନ୍ଦେହ କରନ୍ତୁ ନାହିଁ।

124 ବର୍ତ୍ତମାନ ପ୍ରକୃତ ଭକ୍ତି ଭାବରେ ରହିଥାଆନ୍ତୁ। ସମସ୍ତେ ବର୍ତ୍ତମାନ ପ୍ରକୃତ ଭକ୍ତି ଭାବରେ ରହିଥାଆନ୍ତୁ, ନୀରବ ରହିଥାଆନ୍ତୁ। ଦେଖନ୍ତୁ, ପବିତ୍ରଆତ୍ମା ଏତେ କାତର ଅଟନ୍ତି। କେତେ ଜଣ ତାହା ଜାଣନ୍ତି? କେବଳ ପ୍ରକୃତ କାତର ଥାଆନ୍ତି, ପବିତ୍ରଆତ୍ମା, ଦେଖନ୍ତୁ, କେବଳ ଅଳ୍ପ ଟିକିଏ ବାଧା ତାହାଙ୍କୁ ବ୍ୟଥିତ କରି ଦିଏ।

125 ଡାକ୍ତରଙ୍କ କହିବାନୁସାରେ, ଆପଣ ହୃଦଘାତରେ, ତୁରନ୍ତ ମରିଯିବା ଉଚିତ୍। ତାହା ଠିକ୍ ଅଟେ। ଆପଣ ଏଠାକୁ ଶିକାଗୋରୁ ଆସିଛନ୍ତି, ଶ୍ରୀମାନ ମୋସ୍‌ଲେ। ଆପଣଙ୍କର ପ୍ରଥମ ନାମ ଥିଓଡୋର ଅଟେ। କଅଣ ଆପଣ ପରମେଶ୍ୱରଙ୍କୁ ବିଶ୍ୱାସ କରନ୍ତି? [ଭାଇ କୁହନ୍ତି, "ହଁ।"—ସମ୍ପା।] ତାହାହେଲେ ଘରକୁ ଯାଆନ୍ତୁ, ଏବଂ ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଜୀବିତ ରୁହନ୍ତୁ, ଏବଂ ସୁସ୍ଥ ରୁହନ୍ତୁ। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ।

126 କଅଣ ଆପଣ ପରମେଶ୍ୱରଙ୍କୁ ବିଶ୍ୱାସ କରନ୍ତି? [ଭଉଣୀ କୁହନ୍ତି, "ନିଶ୍ଚିତ କରେ। ହଁ, ଆଜ୍ଞା।"—ସମ୍ପା।] ଆପଣ ଗୋଡର ଏକ ସମସ୍ୟାରେ ପୀଡିତ ଅଟନ୍ତି। ଆପଣ ମଧ୍ୟ, ସହର ବାହାରୁ ଅଟନ୍ତି। ଆପଣ କେଣ୍ଟକିର, ଓୱେନ୍ସବୋରୋରୁ ଅଟନ୍ତି। ଆପଣଙ୍କର ନାମ ଶ୍ରୀମତୀ ଲ୍ୟାମ୍ଭ ଅଟେ। ଘରକୁ ଫେରି ଯାଆନ୍ତୁ ଏବଂ ସୁସ୍ଥ ହୋଇଯାଆନ୍ତୁ।

127 ଠିକ ସେଠାରେ ବସିଥିବା ସେହି ମହିଳାଟି, ମଧ୍ୟ ଓୱେନ୍ସବୋରୋରୁ ଅଟନ୍ତି। ଏଠାରେ ଆପଣଙ୍କର ସ୍ତନ ଉପରେ ଘାଆଟିଏ ଅଛି। ଆସନ୍ତାକାଲି, ଅସ୍ତ୍ରୋପଚାର ହେବାର ଅନୁମାନ କରାଯାଏ। ଯାଆନ୍ତୁ, ବିଶ୍ୱାସ କରନ୍ତୁ, ଏବଂ ବଞ୍ଚି ରୁହନ୍ତୁ।

128 ମହାଶୟ, କଅଣ ଆପଣ ବିଶ୍ୱାସ କରନ୍ତି କି? [ଭାଇ କୁହନ୍ତି, "ହଁ, ମୁଁ କରେ।"—ସମ୍ପା।] ଆମେ ପରସ୍ପର ପାଇଁ ଅପରିଚିତ ଅଟୁ। ଆପଣଙ୍କର ନାମ ଶ୍ରୀମାନ ଗିଲ୍‌ମୋର ଅଟେ। ତାହା ଠିକ୍। ଆପଣ ଇଣ୍ଡିଆନାର, ଆଣ୍ଡରସନ୍‌ରୁ ଆସିଛନ୍ତି, ଯେଉଁଠାରେ କି ଚର୍ଚ୍ଚ ଅଫ ଗଡର ମହାନ ଆନ୍ଦୋଳନ ରହିଛି। ତାହା ଠିକ୍। ଆପଣ ଏଠାରେ ନିଜର ଆଂଶିକ ପୀଡିତ କନ୍ୟା ପାଇଁ ଅଛନ୍ତି। ସେ ଆଂଶିକ ପକ୍ଷାଘାତରେ ଆକ୍ରାନ୍ତ। କଅଣ ଆପଣ ବିଶ୍ୱାସ କରନ୍ତି କି? ତାହାହେଲେ ଘରକୁ ଯାଆନ୍ତୁ ଏବଂ ଯେପରି ଆପଣ ବିଶ୍ୱାସ କରନ୍ତି ସେହିପରି ଭାବରେ ତାହାକୁ ପାଆନ୍ତୁ। ଠିକ୍ ଅଛି। ପରମେଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ। ବିଶ୍ୱାସ ରଖନ୍ତୁ। ବିଶ୍ୱାସ କରନ୍ତୁ।

129 କଅଣ ଆପଣ ନିଜର ସମସ୍ତ ହୃଦୟ ସହିତରେ ବିଶ୍ୱାସ କରନ୍ତି କି, ମହାଶୟ? [ଭାଇ କୁହନ୍ତି, "ହଁ, ଆଜ୍ଞା।"—ସମ୍ପା।] ଆପଣ ଇଣ୍ଡିଆନାପୋଲିସ୍‌ରୁ ଅଟନ୍ତି। ଆପଣ ସୁସମାଚାରର ଜଣେ ସେବକ ଅଟନ୍ତି। ତାହା ଆପଣଙ୍କର ପତ୍ନୀ ଅଟନ୍ତି। ଉ-ହୁଁ। ସେ ମଧ୍ୟ ପୀଡିତା ଅଟନ୍ତି। ତାଙ୍କର ପେଟର ଅନ୍ତଃନଳୀରେ ବଡ ଅନ୍ତଃନଳୀର ସମସ୍ୟା ରହିଛି। ଡାକ୍ତର...ହୃଦଜନିତ ସମସ୍ୟା ରହିଛି; ଟିକିଏ ଅଧୀର ଅଟନ୍ତି। ମୁଁ ଦେଖୁଛି ସେ କାନରେ ବଧିର ଅଟନ୍ତି। କଅଣ...ଏଠାକୁ ଆସନ୍ତୁ।

ହେ ବଧିର ଆତ୍ମା, ଯୀଶୁ ଖ୍ରୀଷ୍ଟଙ୍କ ନାମରେ, ମୁଁ ଜୀବନ୍ତ ପରମେଶ୍ୱରଙ୍କ ଦ୍ୱାରା ତୋତେ ଧମକ ଦେଉଅଛି, ସେହି ସ୍ତ୍ରୀଲୋକରୁ ବାହାରି ଆସ।

ତେବେ ଆପଣ ବର୍ତ୍ତମାନ ମୋତେ ଭଲ ଭାବରେ ଶୁଣି ପାରୁଛନ୍ତି। ଆପଣ ଦୁହେଁ ଘରକୁ ଯାଇପାରନ୍ତି ଏବଂ ଭଲ ହୋଇପାରନ୍ତି। ନିଜ ଘରକୁ ଫେରିଯାଆନ୍ତୁ। ଆପଣ ମୋତେ ଶୁଣୁଛନ୍ତି, ଏବଂ ଆପଣ ଭଲ ହୋଇଯାଇଛନ୍ତି। ଆପଣ ଠିକ ହୋଇଯିବେ।

130 କଅଣ ଆପଣ ନିଜର ସମସ୍ତ ହୃଦୟରେ ବିଶ୍ୱାସ କରନ୍ତି କି? କେବଳ ପରମେଶ୍ୱରଙ୍କ ଉପରେ ବିଶ୍ୱାସ ରଖନ୍ତୁ। ବିଶ୍ୱାସ କରନ୍ତୁ।

131 ସେହି ପୁରୁଣା ଗଣ୍ଠିବାତ ରୋଗ ଏବଂ ସେହି ବିଷୟଟି ଭୟଙ୍କର ଖରାପ ଜିନିଷ ଅଟେ। କଅଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ଆପଣଙ୍କୁ ସୁସ୍ଥ କରିବେ? ତାହାହେଲେ ଠିକ ସେଠାରୁ ତଳକୁ ଚାଲିକରି ଆସନ୍ତୁ। ତାହାଙ୍କ ନାମକୁ ପ୍ରଶଂସା କରି, ଘରକୁ ଯାଆନ୍ତୁ, କୁହନ୍ତୁ, "ପ୍ରିୟ ପ୍ରଭୁ ଯୀଶୁ, ତୁମର ଧନ୍ୟବାଦ ହେଉ।"

ସେହି କାରଣ ଯେ ମୁଁ ତାହା ଅତି ଶୀଘ୍ର ଧରି ପକାଇଲି ହେଉଛି, ଏହି ମହିଳାଙ୍କର ସେହି ସମାନ ବିଷୟ ଥିଲା, ଗଣ୍ଠିବାତ।

କଅଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ଆପଣଙ୍କୁ ସୁସ୍ଥ କରିବେ? [ଭାଇ କୁହନ୍ତି, "ହଁ।"—ସମ୍ପା।] ଠିକ୍ ଅଛି, ଆଜ୍ଞା। ତାହାହେଲେ ଠିକ ସେଠାରୁ ତଳକୁ ଚାଲିକରି ଆସନ୍ତୁ, ଏବଂ କୁହନ୍ତୁ, "ପ୍ରଭୁ ଯୀଶୁ, ତୁମର ଧନ୍ୟବାଦ ହେଉ," ଏବଂ ଘରକୁ ଚାଲିଯାଆନ୍ତୁ।

132 ଠିକ ଅଛି, ଭଉଣୀ, କେବଳ ବୁଲି ପଡନ୍ତୁ ଏବଂ ଫେରି ଯାଆନ୍ତୁ, ଏବଂ ବିଶ୍ୱାସ କରନ୍ତୁ। ଆପଣଙ୍କର ନିଜ ଆଣ୍ଠୁରେ, ଏଠାରେ ତାହା କଠିନ ହୋଇଯାଇଛି, ଏବଂ ଆପଣଙ୍କର ହୃଦୟଜନିତ ସମସ୍ୟା, ଇତ୍ୟାଦି ଅଛି। କେବଳ ବୁଲି ପଡନ୍ତୁ ଓ ଘରକୁ ଫେରିଯାଆନ୍ତୁ, କୁହନ୍ତୁ, "ପ୍ରଭୁ ଯୀଶୁ, ତୁମର ଧନ୍ୟବାଦ ହେଉ," ଏବଂ ସୁସ୍ଥ ହୋଇଯାଆନ୍ତୁ। ଆପଣଙ୍କ ଭିତରେ ଥିବା ସମସ୍ତ କିଛି ସହିତ ବିଶ୍ୱାସ କରନ୍ତୁ।

133 କଅଣ ଆପଣ ବିଶ୍ୱାସ କରନ୍ତି କି? ସେଠାରେ ଥିବା, କେତେଗୁଡ଼ିଏ ଲୋକମାନେ ଆପଣ, କଅଣ ଆପଣ ବିଶ୍ୱାସ କରୁଛନ୍ତି କି?

134 ସେଠାରେ ବସିଥିବା ସେହି ସାନ ମହିଳାଜଣକ, କଳା-କେଶ ବିଶିଷ୍ଟ, ଅପସ୍ମାରରେ ପୀଡିତ, କଅଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ଆପଣଙ୍କୁ ସୁସ୍ଥ କରିବେ? କଅଣ ଆପଣ ଏହାକୁ ଗ୍ରହଣ କରିବେ କି? ଠିକ୍ ଅଛି। ଯଦି ଆପଣ ଚାହାଁନ୍ତି, ସେ ଏହାକୁ କରିବେ।

135 ଏଠାରେ ଜଣେ ପ୍ରଚାରକ ବସିଛନ୍ତି, ଏଠାରେ ବସିଛନ୍ତି, ଯିଏକି ପରମେଶ୍ୱରଙ୍କ ସହିତରେ ଏକ ନିକଟତର ଗମନାଗମନ ଚାହୁଁଛନ୍ତି। ମହାଶୟ, କଅଣ ଆପଣ ଚାହାଁନ୍ତି ନାହିଁ କି? କଅଣ ଆପଣ ବିଶ୍ୱାସ କରନ୍ତି ଯେ ପରମେଶ୍ୱର ତାହା ଆପଣଙ୍କ ପାଇଁ କରିବେ? ନିଜର ହାତ ଉଠାଇ କୁହନ୍ତୁ, "ମୁଁ ଏହାକୁ ଗ୍ରହଣ କରେ।" ଉ-ହୁଁ।

136 ଏଠାରେ ବସିଥିବା ଏହି ମହିଳା ଜଣକ ତାଙ୍କର ହାତକୁ ତଳକୁ କରି ଦେଲେ। ତାଙ୍କର ଆତ୍ମିକ ସମସ୍ୟା ଅଛି ଯାହା ବିଷୟରେ ସେ ଭାବୁଛନ୍ତି। ତାହା ଠିକ୍ ଅଟେ।

137 ଏଠାରେ ଜଣେ ସାନ ମହିଳାଟିଏ ଅଛନ୍ତି, ଆଶ୍ଚର୍ଯ୍ୟ କରେ ଯେ ସେ ତାଙ୍କ ସନ୍ତାନକୁ ଜନ୍ମ କରିବାକୁ ଯାଉଛନ୍ତି। ତାହା ଠିକ୍। ଆପଣ ମୋର ସଭାଗୁଡିକ ମଧ୍ୟରୁ ଗୋଟିଏରେ ଆସିଛନ୍ତି। ମୁଁ ପରମେଶ୍ୱରଙ୍କ ନାମରେ, ଆପଣଙ୍କୁ ଏକ ଶିଶୁର, ପ୍ରତଜ୍ଞା କରିଥିଲି। କଅଣ ମୁଁ କରି ନ ଥିଲି କି? ଠିକ୍ ଅଛି। ତାହାହେଲେ ଘରକୁ ଯାଆନ୍ତୁ ଏବଂ ତାହା ଲାଭ କରନ୍ତୁ। ଏହା ବିଷୟରେ ଆଉ ଅଧିକ ଚିନ୍ତା କରନ୍ତୁ ନାହିଁ।

138 କଅଣ ଆପଣମାନେ ନିଜର ସମସ୍ତ ହୃଦୟ ସହିତରେ ବିଶ୍ୱାସ କରନ୍ତି କି, ଆପଣମାନେ ସମସ୍ତେ? ଆପଣମାନେ ପ୍ରତ୍ୟେକ ଜଣ ବିଶ୍ୱାସ କରନ୍ତି କି? ଅବ୍ରହାମଙ୍କ ବଂଶ ନଗରଦ୍ୱାରକୁ, ଶତ୍ରୁଗଣର ନଗରଦ୍ୱାରକୁ ଅଧିକାର କରିବ। କଅଣ ଆପଣ ଯୀଶୁ ଖ୍ରୀଷ୍ଟଙ୍କ ଦ୍ୱାରା, ଅବ୍ରହାମଙ୍କ ବଂଶ ଅଟନ୍ତି କି? ଯଦି ଆପଣ ଅଟନ୍ତି ତାହାହେଲେ ନିଜର ହାତକୁ ଉଠାନ୍ତୁ।

ତାହାହେଲେ ପାଖରେ ଥିବା ନିଜର ପଡ଼ୋଶୀ ଉପରେ, ନିଜର ପ୍ରତିବାସୀ ଉପରେ, ପରସ୍ପର ଜଣେ ଅନ୍ୟ ଉପରେ ହାତ ରଖନ୍ତୁ। ପରସ୍ପର ଜଣେ ଅନ୍ୟ ଉପରେ ହାତ ରଖନ୍ତୁ। ବର୍ତ୍ତମାନ ସେହି ନଗରଦ୍ୱାରକୁ ଅଧିକାର କରନ୍ତୁ। ଏହା ଆପଣଙ୍କର ଅଟେ। ଏହା ଆପଣଙ୍କର ଅଧିକାର ଅଟେ। "ବିଶ୍ୱାସର ପ୍ରାର୍ଥନା ରୋଗୀଙ୍କୁ ଉଦ୍ଧାର କରିବ। ପରମେଶ୍ୱର ସେମାନଙ୍କୁ ଉଠାଇବେ।" ଠିକ ଅଛି, ନିଜ ନିଜ ଉପାୟରେ ପ୍ରାର୍ଥନା କରନ୍ତୁ। ଆପଣ ନିଜ ମଣ୍ଡଳୀରେ ଯେପରି ଭାବରେ ପ୍ରାର୍ଥନା କରନ୍ତି ସେହିପରି ଭାବରେ ପ୍ରାର୍ଥନା କରନ୍ତୁ। ଆପଣଙ୍କ ସହିତ ଥିବା ଲୋକମାନଙ୍କ ପାଇଁ ବର୍ତ୍ତମାନ ପ୍ରାର୍ଥନା କରନ୍ତୁ। ପରସ୍ପର ଜଣେ ଅନ୍ୟ ଉପରେ ହାତ ରଖି ପ୍ରାର୍ଥନା କରନ୍ତୁ।

139 ପ୍ରଭୁ ଯୀଶୁ, ଆମେମାନେ ଅବ୍ରହାମଙ୍କ ବଂଶ, ରାଜକୀୟ ବଂଶର ସେହି ମହାନ, ସର୍ବଶକ୍ତିମାନ ନାମରେ ଆସୁଅଛୁ, ଯାହାଙ୍କୁକି ପର୍ବତ ଉପରେ ଏହା ପ୍ରତିଜ୍ଞା କରା ଯାଇଥିଲା ଯେଉଁଠାରେକି ତୁମେ ଏକ ମେଷଶାବକ ଯୋଗାଇ ଥିଲ; ଏବଂ ସେହି ମେଷଶାବକକୁ ପ୍ରାନ୍ତରରେ ରଖି ଦେଇଥିଲ, ଯାହା ଏକ ରହସ୍ୟମୟ ବିଷୟ ଥିଲା, ସମାନ ଭାବରେ ଯେପରିକି ତୁମେ ଗତକାଲି, ସେହି ଗୁଣ୍ଡୁଚି ମୂଷାଗୁଡ଼ିକୁ କରିଥିଲ।

ହେ ପ୍ରଭୁ ପରମେଶ୍ୱର, ମୁଁ ପ୍ରାର୍ଥନା କରେ, ଯେ ତୁମେ ଶକ୍ତିକୁ, ଏକ ବିଶ୍ୱାସକୁ ପଠାଇବ । ଏବଂ ଏହା ହେଉ ଯେ ପ୍ରତ୍ୟେକ ବଂଶ...ମୁଁ ଜାଣେ ଯେ ସେମାନେ କରିବେ, ପ୍ରଭୁ, କାରଣ ତୁମେ କହିଅଛ, "ଅବ୍ରହାମଙ୍କ ବଂଶ ।" ଏବଂ ଯଦି ଏଠାରେ ଏପରି କିଛି ଅଛନ୍ତି ଯେଉଁମାନେକି ସେହି ବଂଶ ବୋଲି ଛଳନା କରୁଛନ୍ତି, ଏବଂ ବଂଶ ନୁହଁନ୍ତି, ସେମାନଙ୍କର ଏଠାରେ ସେହି ଉଦ୍ଦେଶ୍ୟ ପାଇଁ, କିମ୍ବା ଛଳନା ପାଇଁ ସେମାନଙ୍କୁ କ୍ଷମା କରି ଦିଅ । ଏବଂ ଏହା ହେଉ ଯେ ପବିତ୍ରଆତ୍ମା ବର୍ତ୍ତମାନ ସେମାନଙ୍କର ପ୍ରାଣକୁ ଜୀବନ୍ତ ବିଶ୍ୱାସରେ ପ୍ରଜ୍ୱଳିତ କରି ଦିଅନ୍ତୁ । ଏହା ହେଉ ଯେ ପବିତ୍ରଆତ୍ମା ପ୍ରତ୍ୟେକ ହୃଦୟ ଭିତରକୁ ପ୍ରବେଶ କରନ୍ତୁ ଏବଂ ଏଠାରେ ସମସ୍ତଙ୍କୁ ସୁସ୍ଥ କରନ୍ତୁ । ସେମାନେ ପରସ୍ପର ଜଣେ ଅନ୍ୟ ଉପରେ ହାତ ରଖିଛନ୍ତି ।

ସେହି ରାଜକୀୟ ବଂଶ କହିଲା, "ଏହି ଚିହ୍ନଗୁଡିକ ଯେଉଁମାନେ ବିଶ୍ୱାସ କରନ୍ତି ସେମାନଙ୍କର ଅନୁକାରୀ ହେବ । ଯଦି ସେମାନେ ଅସୁସ୍ଥ ଲୋକମାନଙ୍କ ଉପରେ ହାତ ରଖିବେ, ସେମାନେ ସୁସ୍ଥ ହୋଇଯିବେ ।" ଏବଂ ସେହି ଜଣକ ଯିଏ ପ୍ରତିଜ୍ଞା କରିଛନ୍ତି ସେ ଠିକ ବର୍ତ୍ତମାନ ଉପସ୍ଥିତ ଅଟନ୍ତି, ନିଜକୁ ଏହା ଦେଖାଉଅଛନ୍ତି ଯେ ସେ ଏଠାରେ ଅଛନ୍ତି । ସେଠାରେ ପରସ୍ପର ଜଣେ ଅନ୍ୟ ଉପରେ ହାତ ରଖି ସେହି ରାଜକୀୟ ବଂଶ ରହିଅଛି । "ଏହି ଚିହ୍ନଗୁଡିକ ଯେଉଁମାନେ ବିଶ୍ୱାସ କରନ୍ତି ସେମାନଙ୍କର ଅନୁସକାରୀ ହେବ ।" ଏହା ହେଉ ଯେ ପବିତ୍ରଆତ୍ମା ସେମାନଙ୍କ ପ୍ରତ୍ୟେକଙ୍କର ହସ୍ତ ଦେଇ, ଲୋକମାନଙ୍କ ହୃଦୟରେ, ଶରୀରରେ ଧାବମାନ ହୁଅନ୍ତୁ, ଏବଂ ଈଶ୍ୱରୀୟ ଉପସ୍ଥିତିରେ ଥିବା ସମସ୍ତଙ୍କୁ ସୁସ୍ଥ କରନ୍ତୁ । ହେ ପ୍ରଭୁ, ଏହା ପ୍ରଦାନ କର ।

ମୁଁ ଶୟତାନକୁ ଧମକ ଦିଏ । ମୁଁ ସମସ୍ତ ଅବିଶ୍ୱାସକୁ ଭର୍ତ୍ସନା କରେ । ମୁଁ ପ୍ରତ୍ୟେକ ମନ୍ଦ ଆତ୍ମାକୁ ଭର୍ତ୍ସନା କରେ । ମୁଁ ପ୍ରତ୍ୟେକ ଛଳନାକାରୀଙ୍କୁ ଭର୍ତ୍ସନା କରେ । ପରମେଶ୍ୱରଙ୍କ ବାକ୍ୟର ବିପରୀତ ସମସ୍ତ ବିଷୟକୁ ମୁଁ ଭର୍ତ୍ସନା କରେ । ଏବଂ ଏହା ହେଉ ଯେ ପବିତ୍ରଆତ୍ମା, ଠିକ ବର୍ତ୍ତମାନ, ବିଶ୍ୱାସ ଦ୍ୱାରା ଲୋକମାନଙ୍କ ହୃଦୟରେ ତାଙ୍କ ସ୍ଥାନକୁ ଗ୍ରହଣ କରନ୍ତୁ । ପ୍ରତ୍ୟେକ ଅସୁସ୍ଥତା ଏବଂ ପ୍ରତ୍ୟେକ ରୋଗ, ପ୍ରତ୍ୟେକ ଦୁଃଖ ପୀଡା ଲୋକମାନଙ୍କୁ, ଯୀଶୁ ଖ୍ରୀଷ୍ଟଙ୍କ ନାମରେ ଛାଡି ଚାଲି ଯାଉ । ଆମେନ୍ ।

140 ବର୍ତ୍ତମାନ, ଅବ୍ରହାମଙ୍କ ବଂଶ, ଆପଣମାନେ ଯେଉଁମାନେକି ରାଜକୀୟ ବଂଶର, ଆପଣମାନେ ଯେଉଁମାନେକି ପ୍ରତିଜ୍ଞାର ଅଟନ୍ତି, ପରମେଶ୍ୱରଙ୍କ ଅନୁଗ୍ରହ ଏବଂ ସାହାଯ୍ୟ ଦ୍ୱାରା, ଆପଣମାନଙ୍କ ମଧ୍ୟରୁ କେତେ ଜଣ ହାତ ଉଠାଇ, ଏହା କହି ପାରନ୍ତି ଯେ, "ମୁଁ ଯାହା ମାଗିଥିଲି ତାହା ପାଇଅଛି"? ଧନ୍ୟବାଦ ହେଉ । ଏହାହିଁ ତାହା ଅଟେ । ତାହା ପାଇଁ ହିଁ ପ୍ରତିଜ୍ଞା ଥିଲା । ତାହା ପାଇଁ ହିଁ ପ୍ରତିଜ୍ଞା ପ୍ରଦାନ କରାଯାଇଛି, ଯେ ଆପଣମାନେ ଯୀଶୁ ଖ୍ରୀଷ୍ଟଙ୍କ ଦେଇ ଯିଏକି ଆପଣଙ୍କୁ ଉଦ୍ଧାର କଲେ, ସମସ୍ତକିଛି ବିଷୟର ଉତ୍ତରାଧିକାରୀ ହୋଇପାରିବେ । ସେ ଆପଣଙ୍କୁ ପାପରୁ ରକ୍ଷା କଲେ । ସେ ଆପଣଙ୍କୁ ଅସୁସ୍ଥତାରୁ ରକ୍ଷା କଲେ । ସେ ଆପଣଙ୍କୁ ମୃତ୍ୟୁରୁ ରକ୍ଷା କଲେ । ସେ ଆପଣଙ୍କୁ ନରକରୁ ରକ୍ଷା କଲେ । ସେ ଆପଣଙ୍କୁ କବରରୁ ଉଦ୍ଧାର

କଲେ ।

141 ଆପଣ କୁହନ୍ତି, “ଭାଇ ବ୍ରାନହାମ୍, ମାତ୍ର ଆମେ ସମସ୍ତେ କବର ଭିତରକୁ ଯିବା ।” ମାତ୍ର କବର ଆମକୁ ଧରି ରଖିପାରିବ ନାହିଁ । ସେ ମଧ୍ୟ, ତାହା ଭିତରକୁ ଯାଇଥିଲେ, କିନ୍ତୁ ଏହା ତାହାଙ୍କୁ ଧରି ରଖିପାରିଲା ନାହିଁ । ନିଶ୍ଚିତ ଭାବରେ । ଏହା ତାହାଙ୍କୁ ଧରି ରଖିପାରେ ନାହିଁ ।

142 “ତେବେ, ଭାଇ ବ୍ରାନହାମ୍, ମୁଁ ବହୁତ ପରୀକ୍ଷାରେ ପ୍ରଲୋଭିତ ହୋଇଥାଏ ।” ସେ ମଧ୍ୟ, ହୋଇଥିଲେ । କିନ୍ତୁ ସେ ଆପଣଙ୍କୁ ପରୀକ୍ଷାରୁ ରକ୍ଷା କଲେ ।

143 “ଆମକୁ ପରୀକ୍ଷାରେ ଆଣ ନାହିଁ, ବରଂ ମନ୍ଦରୁ ରକ୍ଷା କର ।” ଦେଖନ୍ତୁ, ସେ ଏହା କରିଥିଲେ । ଏହା ସବୁ ଆପଣଙ୍କର ଅଟେ । ଯୀଶୁ ଖ୍ରୀଷ୍ଟଙ୍କ ଜରିଆରେ, ସମସ୍ତ କିଛି ଆପଣଙ୍କର ଅଟେ । ସେ ଆପଣଙ୍କୁ ସବୁକିଛି, ମାଗଣାରେ ଦିଅନ୍ତି । ସେଥିରେ କୌଣସି ମୂଲ୍ୟ, କିମ୍ବା କିଛି ହିଁ ନାହିଁ । ଏହା ଠିକ ବର୍ତ୍ତମାନ ଆପଣଙ୍କର ଅଟେ । କଅଣ ଆପଣ ଏଥି ପାଇଁ ଖୁସି ନୁହଁନ୍ତି କି? କଅଣ ଆପଣ ତାହାଙ୍କ ପାଇଁ ଖୁସି ନୁହଁନ୍ତି କି? ପରମେଶ୍ୱରଙ୍କୁ ଧନ୍ୟବାଦ ହେଉ ।

144 ତେବେ, ଆଜି, ଏହି ରାତିରେ, ସେବାମାନ ହେବ । ହଁ । ଆଜି ରାତି, ସାତଟା-ତିରିଶ ଆଜିରାତିରେ ଅଟେ । ମୁଁ ପାଳକଙ୍କୁ ତାହା ଆପଣମାନଙ୍କୁ ଜଣାଇ ଦେବା ପାଇଁ କହିବି । ଆସନ୍ତୁ । ଆସନ୍ତୁ ।

ତେବେ, ଆସନ୍ତା ରବିବାର ସକାଳେ, ମଙ୍ଗଳମୟ ପ୍ରଭୁ ଇଚ୍ଛା କଲେ, ମୁଁ ଅସୁସ୍ଥ ଲୋକମାନଙ୍କ ପାଇଁ ପ୍ରାର୍ଥନା କରିବା ନିମନ୍ତେ, ଆରାଧନାଳୟକୁ, କିମ୍ବା ଅନ୍ୟ ଯେକୌଣସି ସ୍ଥାନକୁ ଫେରି ଆସିବି ।

***ଶତ୍ରୁର ନଗରଦ୍ୱାରକୁ ଅଧିକାର କରିବା*** ORI59-1108

(Possessing The Enemy's Gates)

ଏହି ସନ୍ଦେଶଟି ଯାହାକି ଭାଇ ୱିଲିୟମ୍ ମେରିୟନ୍ ବ୍ରାନ୍‌ହାମ୍‌ଙ୍କ ଦ୍ୱାରା, ମୂଳତଃ ଇଂରାଜୀ ଭାଷାରେ ନଭେମ୍ବର ୪, ୧୯୫୨, ରବିବାର ସକାଳରେ, ଯୁକ୍ତରାଷ୍ଟ୍ର ଆମେରିକାର, ଇଣ୍ଡିୟାନା ପ୍ରଦେଶର, ଜେଫର୍ସନ୍‌ୱିଲେ ସହରର ବ୍ରାନ୍‌ହାମ୍ ଟେବର୍ନେକଲ୍‌ଠାରେ, ପ୍ରଚାର କରାଯାଇଥିଲା, ମ୍ୟାଗ୍ନେଟିକ୍ ଟେପ୍ ରେକର୍ଡିଙ୍ଗରୁ ନିଆଯାଇଅଛି ଓ ଏହାକୁ କୌଣସି କାଟ ଛାଣ୍ଟ ନ କରି ଇଂରାଜୀ ଭାଷାରେ ଛପାଯାଇଅଛି । ଏହି ଓଡ଼ିଆ ଅନୁବାଦଟି ଭଏସ୍ ଅଫ୍ ଗଡ୍ ରେକର୍ଡିଙ୍ଗ୍ସ ଦ୍ୱାରା ଛପାଯାଇଥିଲା ଓ ବଣ୍ଟନ କରାଯାଇଥିଲା ।

ORIYA

©2024 VGR, ALL RIGHTS RESERVED

VOICE OF GOD RECORDINGS, INDIA OFFICE
19 (NEW NO: 28) SHENOY ROAD, NUNGAMBAKKAM
CHENNAI 600 034, INDIA
044 28274560 • 044 28251791
india@vgroffice.org

VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org

## Copyright notice

All rights reserved. This book may be printed on a home printer for personal use or to be given out, free of charge, as a tool to spread the Gospel of Jesus Christ. This book cannot be sold, reproduced on a large scale, posted on a website, stored in a retrieval system, translated into other languages, or used for soliciting funds without the express written permission of Voice Of God Recordings®.

For more information or for other available material, please contact:



VOICE OF GOD RECORDINGS
P.O. BOX 950, JEFFERSONVILLE, INDIANA 47131 U.S.A.
www.branham.org